# 3 Yr. Degree Course
# (One Major & Two Minor)
# based on NEP-2020
# ODIA

(Effective from Session 2025-26)

**(Batch: 2025-2028)**




## SAMBALPUR UNIVERSITY

**JYOTI-VIHAR, BURLA, SAMBALPUR, ODISHA-768019**

# COURSE AT A GLANCE (NEP-U.G.)

SUBJECT:ODIA ACADEMIC SESSION: 2024-27

## CORE-I COURSE

| Course Number | Semester | Course Title | Type of Paper P-Practical NP-Non-practical | Credit Hour | Maximum Weightage of Marks |
|---|---|---|---|---|---|
| Paper-I | I | ଭାଷା ବିଜ୍ଞାନ | NP | 4 | 100 |
| Paper-II | | ସାହିତ୍ୟର ସ୍ୱରୂପ | NP | 4 | 100 |
| Paper-III | II | ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ | NP | 4 | 100 |
| Paper-IV | | ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଇତିହାସ | NP | 4 | 100 |
| Paper-V | III | ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ: ନବଜାଗରଣ ଓ ସତ୍ୟବାଦୀଧାରା | NP | 4 | 100 |
| Paper-VI | | ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ସବୁଜ , ପ୍ରଗତିବାଦୀଧାରା ଓ ସ୍ୱାଧୀନତା ପରବର୍ତ୍ତୀ କାଳ | NP | 4 | 100 |
| Paper-VII | | ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତା | NP | 4 | 100 |
| Paper-VIII | IV | ଆଧୁନିକ ଓଡ଼ିଆ କବିତା | NP | 4 | 100 |
| Paper-IX | | ଓଡ଼ିଆ ନାଟକ ଓ ଏକାଙ୍କିକା | NP | 4 | 100 |
| Paper-X | | ଓଡ଼ିଆ କଥା ସାହିତ୍ୟ | NP | 4 | 100 |
| Paper-XI | V | ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ | NP | 4 | 100 |
| Paper-XII | | ଓଡ଼ିଆ ଲୋକ ସାହିତ୍ୟ | NP | 4 | 100 |
| Paper-XIII | | ଓଡ଼ିଆ ଭାଷା ଓ ଲିପିର ଐତିହାସିକ ବିବର୍ତ୍ତନ | NP | 4 | 100 |
| Paper-XIV | VI | ଓଡ଼ିଆ ଭାଷା: ଧ୍ୱନିତତ୍ତ୍ୱ, ଶବ୍ଦସଂଭାର, ଅନ୍ୟଭାଷାର ପ୍ରଭାବ ଓ ଶାସ୍ତ୍ରୀୟତା | NP | 4 | 100 |
| Paper-XV | | ଓଡ଼ିଆ ବ୍ୟାବହାରିକ ବ୍ୟାକରଣ | NP | 4 | 100 |
| Paper-XVI | VII | | | 4 | 100 |
| Paper-XVII | | | | 4 | 100 |
| Paper-XVIII | | | | 4 | 100 |
| Paper-XIX | | | | 4 | 100 |
| Paper-XX | VIII | | | 4 | 100 |
| Paper-XXI | | | | 4 | 100 |
| Paper-XXII | | | | 4 | 100 |
| Paper-XXIII | | | | 4 | 100 |

## CORE-II/CORE-III COURSE

| Course Number | Semester Core-II/ Core-III | Course Title | Type of Paper P-Practical NP-Non-practical | Credit Hour | Maximum Weightage of Marks |
|---|---|---|---|---|---|
| Paper-I | I/II | ଭାଷା ବିଜ୍ଞାନ | | 4 | 100 |
| Paper-II | III/IV | ସାହିତ୍ୟର ସ୍ୱରୂପ | | 4 | 100 |
| Paper-III | V/VI | ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ | | 4 | 100 |
| Paper-IV | VII | | | 4 | 100 |
| Paper-V | VIII | | | 4 | 100 |

# OTHER COURSES

## MULTIDISCIPLINARY COURSES (MDC)UNDER NEP-2020

Three courses to be chosen from **baskets of Multidisciplinary courses** for Semester-I/II/III with 3 credits each. Students are advised to choose one course/ Semester from the basket provided. Students are advised to opt for courses outside their discipline. No repetition of courses allowed.

*(Ref: University Letter No-3177/Acd. – I, Dated: 15. 07. 2025 & Letter No. 3993/Acd-I Dated: 02.09.2025)*

### SEMESTER: I

| **Course No.** | **Semester** | **Dept. to Teach** | **Course Title** | **Type of Paper P-Practical NP-Non-practical** | **Credit Hour** | **Maximum Weightage of Marks** |
|---|---|---|---|---|---|---|
| Paper-I | Semester-I | Chemistry | Environmental Chemistry | NP | 3 | 100 |
| | | Botany | Gardening and Vermicomposting | NP | 3 | 100 |
| | | Economics | Economics in Everyday Life | NP | 3 | 100 |
| | | History | History of Education in Modern India | NP | 3 | 100 |
| | | Odia | Tulanatmak Sahitya | NP | 3 | 100 |
| | | Pol. Sc. | Political Process in India | NP | 3 | 100 |
| | | English | Ethical Literature | NP | 3 | 100 |
| | | Commerce | Financial Literacy | NP | 3 | 100 |
| | | Education | Educational Psychology | NP | 3 | 100 |

### SEMESTER: II

| **Course No.** | **Semester** | **Dept. to Teach** | **Course Title** | **Type of Paper P-Practical NP-Non-practical** | **Credit Hour** | **Maximum Weightage of Marks** |
|---|---|---|---|---|---|---|
| Paper-II | Semester-II | Statistics | Survival Analysis and Biostatistics | NP | 3 | 100 |
| | | Zoology | Apiculture | NP | 3 | 100 |
| | | Education | Gender and Education | NP | 3 | 100 |
| | | Geography/Geology | Climatology | NP | 3 | 100 |
| | | Philosophy | Vedic Culture | NP | 3 | 100 |
| | | Hindi | Vigyapan Avadharana Aur Prayojanmulak Aayam | NP | 3 | 100 |
| | | Home Science | Food Science and Processing | NP | 3 | 100 |
| | | Commerce | Fundamentals of Entrepreneurship and E- Commerce | NP | 3 | 100 |
| | | Economics | Demography | NP | 3 | 100 |

## SEMESTER: III

| Course No. | Semester | Dept. to Teach | Course Title | Type of Paper P-Practical NP-Non-practical | Credit Hour | Maximum Weightage of Marks |
|---|---|---|---|---|---|---|
| Paper-III | Semester-III | Mathematics/Computer Science | Programming in C++ | NP | 3 | 100 |
| | | Physics | Introduction to Spectroscopy | NP | 3 | 100 |
| | | History | Indian Knowledge System | NP | 3 | 100 |
| | | Pol. Sc. | Human Rights | NP | 3 | 100 |
| | | Sociology | Environmental Issues and Challenges | NP | 3 | 100 |
| | | Commerce | Entrepreneurship Development and Start-up | NP | 3 | 100 |
| | | Psychology | Health psychology | NP | 3 | 100 |
| | | Sanskrit | Philosophy of Bhagavad Gita | NP | 3 | 100 |
| | | Botany | Herbarium Preparation | NP | 3 | 100 |

## ABILITY ENHANCEMENT COURSE(AEC) UNDER NEP-2020

| Sl. No. | Semester | Course | Credit hour (CH) | Full Mark |
|---|---|---|---|---|
| Paper-I | I | Odia/Hindi/Sanskrit/Urdu | 4 | 100 |
| Paper-II | II | English | 4 | 100 |

## SKILL ENHANCEMENT COURSES (SEC) UNDER NEP-2020

Three courses to be chosen from the **baskets of SEC** for Semester-II/V/VI respectively with 3 credits each. Student can opt any one of SEC courses in a particular semester from the basket without repetition.

*(Ref: University Letter No-3177/Acd. – I, Dated: 15. 07. 2025)* NB: All courses are non-practical (NP) papers.

| Sl. No. | Semester | Course title | Credit hour (CH) | Marks |
|---|---|---|---|---|

| | | | | |
|---|---|---|---|---|
| Paper-I | II | Personality Development<br>Or<br>Election studies and public opinion<br>Or<br>Quantitative and Logical Thinking<br>Or<br>Analytical Thinking and Logical Reasoning<br>Or<br>Renewable Energy & Energy Harvesting<br>Or<br>Vermicomposting | 3 | 100 |
| Paper-II | V | Yoga in Everyday Life<br>Or<br>Basics of Museum and Achieves<br>Or<br>Working with Communities<br>Or<br>Fundamentals of data science and data management<br>Or<br>Quantitative and Logical Thinking<br>Or<br>Programming With Mathematica | 3 | 100 |
| Paper-III | VI | Life Skill Education<br>Or<br>Quantitative and Logical Thinking<br>Or<br>Income Tax E-return Filing<br>Or<br>Organic Farming<br>Or<br>Biofertilizer<br>Or<br>Type Setting in Latex | 3 | 100 |

## VALUE AIDED COURSES (VAC) UNDER NEP – 2020

(*Ref: University Letter No-3177/Acd. – I, Dated: 15. 07. 2025)*

| Sl No | Semester | Paper | Course title | Credit | Marks |
|---|---|---|---|---|---|
| Paper-I | I | PAPER I | Environmental Studies and Disaster Management | 3 | 100 |
| Paper-I | III | PAPER II | Ethics & Values | 3 | 100 |
| Paper-I | V | PAPER III | Understanding Odisha | 3 | 100 |
| Paper-I | VI | PAPER IV | Creative Writing | 3 | 100 |

| Sl. No. | Core Course | Semester | Title of the Course | Credit |
|---|---|---|---|---|
| 1 | Core-I | 1st | ଭାଷାବିଜ୍ଞାନ | 04 Credit for each Paper( 1 Credit = 15 Classes) |
| 2 | Core-II | | ସାହିତ୍ୟର ସ୍ୱରୂପ | |
| 3 | Core-III | 2nd | ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ | |
| 4 | Core-IV | | ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଇତିହାସ | |
| 5 | Core-V | 3rd | ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ନବଜାଗରଣ ଯୁଗ ଓ ସତ୍ୟବାଦୀ ଧାରା | |
| 6 | Core-VI | | ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ସବୁଜ, ପ୍ରଗତିବାଦୀ ଧାରା ଓ ସ୍ୱାଧୀନତା ପରବର୍ତ୍ତୀ କାଳ | |
| 7 | Core-VII | | ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତା | |
| 8 | Core-VIII | 4th | ଆଧୁନିକ ଓଡ଼ିଆ କବିତା | |
| 9 | Core-IX | | ଓଡ଼ିଆ ନାଟକ ଓ ଏକାଙ୍କିକା | |
| 10 | Core-X | | ଓଡ଼ିଆ କଥାସାହିତ୍ୟ | |
| 11 | Core-XI | 5th | ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ | |
| 12 | Core-XII | | ଓଡ଼ିଆ ଲୋକସାହିତ୍ୟ | |
| 13 | Core-XIII | | ଓଡ଼ିଆ ଭାଷା ଓ ଲିପିର ଐତିହାସିକ ବିବର୍ତ୍ତନ | |
| 14 | Core-XIV | 6th | ଓଡ଼ିଆ ଭାଷା : ଧ୍ୱନିତତ୍ତ୍ୱ, ଶବ୍ଦ ସମ୍ଭାର, ଅନ୍ୟ ଭାଷାର ପ୍ରଭାବ ଓ ଶାସ୍ତ୍ରୀୟତା | |
| 15 | Core-XV | | ଓଡ଼ିଆ ବ୍ୟାବହାରିକ ବ୍ୟାକରଣ | |
| 16 | Core-XVI | 7th | ଓଡ଼ିଆ ଭାଷାର ବ୍ୟାବହାରିକ ପ୍ରୟୋଗ | |
| 17 | Core-XVII | | ପ୍ରାଚ୍ୟ-ପାଶ୍ଚାତ୍ୟ କାବ୍ୟତତ୍ତ୍ୱ | |
| 18 | Core-XVIII | | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଅନୁଶୀଳନ (୧୯୪୭- ୨୦୦୦) | |
| 19 | Core-XIX | | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥାସାହିତ୍ୟର ଅନୁଶୀଳନ (୧୯୪୭-୨୦୦୦) | |
| 20 | Core-XX | 8th | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟସାହିତ୍ୟର ଅନୁଶୀଳନ (୧୯୪୭-୨୦୦୦) | |
| 21 | Core-XXI | | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଦ୍ୟସାହିତ୍ୟ ଓ ପତ୍ରପତ୍ରିକାର ଅନୁଶୀଳନ (୧୯୪୭-୨୦୦୦) | |
| 22 | Core-XXII | | ଓଡ଼ିଆ ଶିଶୁ ସାହିତ୍ୟ ଓ ବିଜ୍ଞାନ ଭିତ୍ତିକ ସାହିତ୍ୟ | |
| 23 | Core-XXIII | | ଓଡ଼ିଶାର ସାଂସ୍କୃତିକ ଇତିହାସ | |

| Sl. No | Basket | Semester | Title of the Course | Credit |
|---|---|---|---|---|
| 1 | AEC<br>(Ability Enhancement Course) | 1st | ପରିଶୁଦ୍ଧ ଭାଷା ଓ ଲିଖନ ଧାରା | 4 |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |

# Programme Outcome (ପାଠ୍ୟଖସଡ଼ା ଫଳଶ୍ରୁତି)

ଭାରତର ଆଞ୍ଚଳିକ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷାର ସ୍ଥିତି ଓ ଐତିହ୍ୟ ସ୍ୱତନ୍ତ୍ର । ଏହା ଓଡ଼ିଶା ପ୍ରଦେଶର ମାତୃଭାଷା, ମାନକଭାଷା ଓ ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା ରୂପେ ଗୌରବାନ୍ୱିତ । ପ୍ରାକ୍-ସାରଳା ଯୁଗଠାରୁ ଆରମ୍ଭ କରି ଏଯାବତ୍ ଏହି ଭାଷାର ସାହିତ୍ୟିକ ବିକାଶ ଓ ବୈଭବ ମଧ୍ୟ ମର୍ଯ୍ୟାଦା ମଣ୍ଡିତ । ସୁତରାଂ ଓଡ଼ିଆ ଭାଷାକୁ ମାତୃଭାଷା ରୂପେ ବ୍ୟବହାର କରୁଥିବା ସ୍ନାତକ ଛାତ୍ରଛାତ୍ରୀ ତଥା ସମ୍ମାନ (Honours) ରୂପେ ନେଇ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀଙ୍କ ପାଇଁ ଏହି ପାଠ୍ୟଖସଡ଼ା ପ୍ରସ୍ତୁତ । ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସବୁ ସ୍ତରର ସ୍ନାତକ ଅଧ୍ୟାୟୀଙ୍କ ନିମିତ୍ତ ଏହା ଉପଯୋଗୀ ହେବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଛାତ୍ରଛାତ୍ରୀ କିପରି ଅନୁରାଗୀ ହେବେ ଓ ଭାଷା ସାହିତ୍ୟର ଅଭିବୃଦ୍ଧି ପାଇଁ ନିଜକୁ ସଂଶ୍ଳିଷ୍ଟ କରିବେ, ସେହି ଦିଗକୁ ଧ୍ୟାନ ଦିଆଯାଇ ଶଂସିତ ପାଠ୍ୟପତ୍ରଗୁଡ଼ିକରେ ଓଡ଼ିଆ ଭାଷାର ଉନ୍ମେଷ, ବିକାଶ ଓ ବୈଶିଷ୍ଟ୍ୟ, ଓଡ଼ିଆ ବ୍ୟାକରଣ, ଓଡ଼ିଆ ସାହିତ୍ୟର ଐତିହାସିକ ବିବର୍ତ୍ତନଧାରା, ପ୍ରାଚ୍ୟ-ପାଶ୍ଚାତ୍ୟ କାବ୍ୟତତ୍ତ୍ୱ, ଲୋକସାହିତ୍ୟ, କାବ୍ୟସାହିତ୍ୟ, କଥାସାହିତ୍ୟ, ନାଟ୍ୟସାହିତ୍ୟ, ଗଦ୍ୟସାହିତ୍ୟ ଓ ପତ୍ରପତ୍ରିକା ପ୍ରଭୃତି ବିଷୟ ଏଥିରେ ଗର୍ଭିତ । ପୁନଶ୍ଚ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ପ୍ରତିନିଧିମୂଳକ ରଚନାକୁ ପାଠ୍ୟାନ୍ତର୍ଗତ କରାଯାଇଛି । ସାହିତ୍ୟର ବିବିଧ ଦିଗର ଅନୁଶୀଳନ ନିମିତ୍ତ ମଧ୍ୟ ପାଠ୍ୟପତ୍ରର ବ୍ୟବସ୍ଥା ରହିଛି । ତେଣୁ ଏହି ପାଠ୍ୟଖସଡ଼ା ନିମ୍ନମତେ ସ୍ନାତକ ଶିକ୍ଷାର୍ଥୀଙ୍କ ଭାଷା - ସାହିତ୍ୟ ଜ୍ଞାନର ଭୂୟୋବିକାଶରେ ଅବଶ୍ୟ ସହାୟକହେବ ।

- ଶୁଦ୍ଧ ଓଡ଼ିଆ ଲିଖନ, କଥନ ଓ ସର୍ଜନଶୀଳତାର ଅଭିବୃଦ୍ଧି
- ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବିଷୟକ ଜ୍ଞାନ ଆହରଣ ଓ ବିକାଶ
- ମୂଲ୍ୟବୋଧ ଯୁକ୍ତ ସମାଜ ଗଠନ ଓ ମାତୃଭୂମି, ମାତୃଭାଷା ପ୍ରତି ସଂପ୍ରୀତି ସୃଷ୍ଟି
- ପରମ୍ପରାର୍ଜିତ ଭାଷା, ସଂସ୍କୃତିର ସଂରକ୍ଷଣ ଓ ପୁନରୁଜ୍ଜୀବନ
- ସନ୍ତୁଳିତ ପରିବେଶ ଓ ଜୈବ ସୁରକ୍ଷା
- ନିର୍ଭୁଲ ଓଡ଼ିଆ ଭାଷା ଶିକ୍ଷଣ, କମ୍ପ୍ୟୁଟରୀକରଣ ଓ ବ୍ୟାବହାରିକ ପ୍ରୟୋଗ ଜ୍ଞାନ ଅର୍ଜନ
- ପ୍ରାଶାସନିକ, ବୃତ୍ତିଗତ ଜୀବନରେ ସ୍ୱାଚ୍ଛନ୍ଦ୍ୟ ଓ ସ୍ୱାବଲମ୍ବନଶୀଳତାର ଅଭିବୃଦ୍ଧି
- ତୁଳନାତ୍ମକ ସାହିତ୍ୟ ଅଧ୍ୟୟନଦ୍ୱାରା ରାଷ୍ଟ୍ରୀୟତାବୋଧ ଓ ବିଶ୍ୱଦୃଷ୍ଟି ନିର୍ମାଣ
- ସୌନ୍ଦର୍ଯ୍ୟ ଚେତନାର ବିକାଶ, ଆଧୁନିକ ଜୀବନଦୃଷ୍ଟି ଓ ପ୍ରଗତିଶୀଳ ମନୋଭାବ ସୃଷ୍ଟି

***

**Core I** **ପ୍ରଥମ ପର୍ଯ୍ୟାୟ (Semester-I)**

# ଭାଷାବିଜ୍ଞାନ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଭାଷା ଭାବବିନିମୟର ମାଧ୍ୟମ । ଭାଷା ବ୍ୟବହାର କରି ସର୍ଜନଶୀଳ ସ୍ରଷ୍ଟା ସାହିତ୍ୟସୃଷ୍ଟି କରିଥାଏ । ତେଣୁ ସାହିତ୍ୟ ବିଷୟକ ପାଠ୍ୟଖସଡ଼ାର ଆଦ୍ୟରେ ଭାଷା ସମ୍ପର୍କରେ ସାଧାରଣ ଉପଲବ୍ଧି ଆଣିବା ନିମିତ୍ତ ଏହି ପତ୍ରଟି ଉପଯୋଗୀ ହେବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଭାଷା କ'ଣ, ତାହାର ପରିଚୟ, ଭାଷାର ସ୍ୱରୂପ ଓ ବିବିଧ ପ୍ରକାରଭେଦ ସମ୍ପର୍କରେ ଏହି ଏକକ ଉପଲବ୍ଧି ଆଣିବ ।

**୨ୟ ଏକକ :** ଭାଷା କିପରି ଉତ୍ପତ୍ତି ହେଲା, ସେ ସମ୍ପର୍କରେ ପ୍ରଚଳିତ ବିବିଧ ସିଦ୍ଧାନ୍ତର ପରିଚୟ ଲାଭକରି ଛାତ୍ରଛାତ୍ରୀ ଭାଷା ସୃଷ୍ଟିର ଦିଗଦିଗନ୍ତକୁ ଜାଣିପାରିବେ ।

**୩ୟ ଏକକ :** ବିଶ୍ୱରେ ବହୁଭାଷା ପ୍ରଚଳିତ । ଭାଷାତତ୍ତ୍ୱ ଦୃଷ୍ଟିରୁ ସେହି ସମୁଦାୟ ଭାଷାକୁ ନେଇ ପୃଥିବୀର ଭାଷା ପରିବାର ଗଠିତ। ସେହି ଭାଷା ପରିବାର ସମ୍ପର୍କରେ ଛାତ୍ରଛାତ୍ରୀ ଜାଣିବା ନିତାନ୍ତ ଆବଶ୍ୟକ । ଏହି ଏକକଟି ସେହି ଉଦ୍ଦେଶ୍ୟ ପୂରଣ କରିବ ।

**୪ର୍ଥ ଏକକ :** ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଦେଶରେ ଯେଉଁ ମୁଖ୍ୟ ଭାଷା ପ୍ରଚଳିତ, ତାହା ସାଧାରଣତଃ ମାନକ ଭାଷା ରୂପେ ପରିଚିତ ହୁଏ। ମାତ୍ର ବିବିଧ ଅଞ୍ଚଳରେ ମାନକଭାଷା ବ୍ୟତିରେକ ଅନ୍ୟ କେତେକ ଆଞ୍ଚଳିକ ଭାଷାର ପ୍ରଚଳନ ପରିଲକ୍ଷିତ ହୋଇଥାଏ । ଏହି ଏକକରେ ମାନକଭାଷା ଓ ଉପଭାଷା ସମ୍ପର୍କରେ ଶିକ୍ଷାର୍ଥୀ ଜ୍ଞାନଲାଭ କରିପାରିବେ ।

# ପାଠ୍ୟ ବିଷୟ

**୧ମ ଏକକ :** ଭାଷାର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

**୨ୟ ଏକକ :** ଭାଷା ଉତ୍ପତ୍ତି ସମ୍ପର୍କୀୟ ବିଭିନ୍ନ ସିଦ୍ଧାନ୍ତ

**୩ୟ ଏକକ :** ପୃଥିବୀର ଭାଷା ପରିବାର

**୪ର୍ଥ ଏକକ :** ମାନକଭାଷା ଓ ଉପଭାଷା

**ସହାୟକ ଗ୍ରନ୍ଥସୂଚୀ (Book of Reference) :**


୧. ଭାଷାବିଜ୍ଞାନର ରୂପରେଖ – ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଭାଷାଶାସ୍ତ୍ର ପରିଚୟ – ଗୋଲୋକ ବିହାରୀ ଧଳ, ଓ.ରାଜ୍ୟ ପା.ପୁ.ପ୍ର. ଓ ପ୍ର. ସଂସ୍ଥା, ଭୁବନେଶ୍ୱର ।

୩. ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ – ଉପେନ୍ଦ୍ର ପ୍ରସାଦ ଦଳାଇ, ଏ.କେ ମିଶ୍ର ପବ୍ଲିଶର୍ସ , କଟକ ।

୪. ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ – ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଭାଷା ଭାବନା - ସଂ. ବିଜୟଲକ୍ଷ୍ମୀ ମହାନ୍ତି, ବିଦ୍ୟା ପ୍ରକାଶନୀ, ଭୁବନେଶ୍ୱର ।

୬. ଓଡ଼ିଆ ଭାଷା ଓ ଭାଷାବିଜ୍ଞାନ – ଦେବୀ ପ୍ରସନ୍ନ ପଟ୍ଟନାୟକ, ଗ୍ରନ୍ଥମନ୍ଦିର, କଟକ ।

୭. ଓଡ଼ିଆ ଭାଷାର ଉପଭାଷା-ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

୮. ମଣିଷର ଭାଷା- ଗୋଲୋକ ବିହାରୀ ଧଳ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଭାଷା ଚର୍ଚ୍ଚା ପରଂପରା-ଗଗନେନ୍ଦ୍ରନାଥ ଦାଶ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

**Sample Questions (ନମୁନା ପ୍ରଶ୍ନ):**

୧. ଭାଷାର ଏକ ସାର୍ଥକ ସଂଜ୍ଞା ପ୍ରଦାନକର । (୧ ମାର୍କ ପ୍ରଶ୍ନ)

୨. ଭାଷା ଉତ୍ପତ୍ତି ସମ୍ପର୍କୀୟ ଧ୍ୱନି ଅନୁରଣନ ସିଦ୍ଧାନ୍ତର ଟିପ୍ପଣୀ ଲେଖ । (୨ମାର୍କ ପ୍ରଶ୍ନ)

୩. ମାନକଭାଷା ଓ ଉପଭାଷା ମଧ୍ୟରେ ତାରତମ୍ୟ ଦର୍ଶାଅ । (୫ମାର୍କ ପ୍ରଶ୍ନ)

୪.ପୃଥିବୀର ଭାଷା ପରିବାର ସମ୍ପର୍କରେ ଆଲୋକପାତ କର । (୮ମାର୍କ ପ୍ରଶ୍ନ)

## Core II ପ୍ରଥମ ପର୍ଯ୍ୟାୟ (Semester-I)

# ସାହିତ୍ୟର ସ୍ୱରୂପ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ସାହିତ୍ୟ ବିବିଧରୂପର ସମାହାର । କାବ୍ୟ କବିତା, ଗଳ୍ପ ଉପନ୍ୟାସ, ନାଟକ ,ଏକାଙ୍କିକା ଏବଂ ଗଦ୍ୟ ସାହିତ୍ୟର ଭିନ୍ନଭିନ୍ନ ରୂପ ସାହିତ୍ୟକୁ କରିଛି ପରିପୁଷ୍ଟ । ଛାତ୍ରଛାତ୍ରୀମାନେ ସାହିତ୍ୟର ସେହି ରୂପଗତ ବୈଚିତ୍ର୍ୟ ଓ ତାର ତାତ୍ତ୍ୱିକ ଦିଗ ଉପରେ ଅବଗତ ହେବା ଆବଶ୍ୟକ । ଏହି ପତ୍ରଟି ଶିକ୍ଷାର୍ଥୀମାନଙ୍କୁ ସେ ସମ୍ପର୍କରେ ଧାରଣା ପ୍ରଦାନ କରିବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** କାବ୍ୟ, ମହାକାବ୍ୟ ଓ କବିତାର ସଂଜ୍ଞା ସ୍ୱରୂପ ଓ ବିବିଧତା ସମ୍ପର୍କରେ ଛାତ୍ରଛାତ୍ରୀ ଏଥିରେ ଜ୍ଞାନ ଲାଭ କରିବେ ।

**୨ୟ ଏକକ :** କଥାସାହିତ୍ୟର ଜଗତ ମଧ୍ୟ ବର୍ଣ୍ଣିଳ, ବିଶେଷତଃ ଗଳ୍ପ ଓ ଉପନ୍ୟାସର ତାତ୍ତ୍ୱିକ ଦିଗ ସହ ତାହାର ବିଶେଷତ୍ୱ ଓ ପ୍ରକାରଭେଦ ଏହି ଏକକରୁ ଜାଣି ହେବ ।

**୩ୟ ଏକକ :** ନାଟକ ଓ ଏକାଙ୍କିକା ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଏକାଧାରରେ ପାଠକ ଓ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ । ତେଣୁ ଏ ଉଭୟର ସଂଜ୍ଞା, ସ୍ୱରୂପ, ରୂପଭେଦ ଉପରେ ଏହି ଏକକ ଅବଗତ କରାଇବ ।

**୪ର୍ଥ ଏକକ :** ଗଦ୍ୟ ରଚନାର ବିଭିନ୍ନତା ମଧ୍ୟରୁ ପ୍ରବନ୍ଧ, ରମ୍ୟ ରଚନା, ଭ୍ରମଣ କାହାଣୀ ତଥା ଜୀବନୀ ଓ ଆତ୍ମଜୀବନୀ ଆଧୁନିକ ସାହିତ୍ୟକୁ କରିଛି ସମୃଦ୍ଧ ।ଏହି ରଚନାମାନଙ୍କର ତାତ୍ତ୍ୱିକ ଓ ଗୁଣାତ୍ମକ ବୈଶିଷ୍ଟ୍ୟ ଜାଣିବା ପାଇଁ ଏହି ଏକକ ଉଦ୍ଦିଷ୍ଟ ।

## ପାଠ୍ୟ ବିଷୟ

**୧ମ ଏକକ :** କାବ୍ୟକବିତା - କ) କାବ୍ୟ, ମହାକାବ୍ୟର ସଂଜ୍ଞା, ସ୍ୱରୂପ ଓ ପ୍ରକାର ଭେଦ
ଖ) ଗୀତିକବିତା, ଗାଥାକବିତା, ସନେଟ୍, ସମ୍ବୋଧନଗୀତିକାର ସଂଜ୍ଞା ଓ ସରୂପ

**୨ୟ ଏକକ :** ଗଳ୍ପ ଓ ଉପନ୍ୟାସ – (କ) ଗଳ୍ପର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ
(ଖ) ଉପନ୍ୟାସର ସଂଜ୍ଞା, ସରୂପ, ଓ ପ୍ରକାରଭେଦ

**୩ୟ ଏକକ :** ନାଟକ ଓ ଏକାଂକିକା - (କ) ନାଟକର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ
(ଖ) ଏକାଂକିକାର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

**୪ର୍ଥ ଏକକ :** ଗଦ୍ୟ ସାହିତ୍ୟ – (ପ୍ରବନ୍ଧ, ରମ୍ୟରଚନା, ଭ୍ରମଣ କାହାଣୀ, ଜୀବନୀ-ଆତ୍ମଜୀବନୀର ସଂଜ୍ଞା ଓ ସ୍ୱରୂପ)

**ସହାୟକ ଗ୍ରନ୍ଥସୂଚୀ (Book of Reference):**


୧. ସାହିତ୍ୟର ସମ୍ବିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ-୨୦୧୬ ।

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ, ନାଳନ୍ଦା, ବିନୋଦବିହାରୀ, କଟକ - ୨୦୧୦ ।

୩. ସାହିତ୍ୟର ରୂପରେଖ - ନୀଳାଦ୍ରି ଭୂଷଣ ହରିଚନ୍ଦନ, ବାଳକୃଷ୍ଣ ବେହେରା, ବିଦ୍ୟାପୁରୀ, ବାଲୁବଜାର, କଟକ-୨୦୧୭ ।

୪. ସାହିତ୍ୟର ଡାଳପତ୍ର - ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ୨୦୧୮ ।

୫. ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ଓ ପାଶ୍ଚାତ୍ୟ - ଜ୍ୟୋସ୍ନାମୟୀ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨୦୧୯ ।

୬. ସାହିତ୍ୟର ଗଠନ ରୀତି - ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୭. ସାହିତ୍ୟ ତତ୍ତ୍ୱ - ଧନେଶ୍ୱର ମହାପାତ୍ର, ଗ୍ରନ୍ଥମନ୍ଦିର, କଟକ, ।

୮. ସାହିତ୍ୟର ସାମାନ୍ୟ କଥନ- କ୍ଷେତ୍ରବାସୀ ନାୟକ, ସାଥୀ ମହଲ, କଟକ ।

୯. ସମ୍ବାଦ-ଆମ ଓଡ଼ିଶା : ସାହିତ୍ୟକୋଷ- ସଂ.ଦାଶରଥି ଦାସ, ସୁଦର୍ଶନ ଆଚାର୍ଯ୍ୟ, ଦେବେନ୍ଦ୍ର କୁମାର ଦାଶ, ଗୌରାଙ୍ଗ ଚରଣ ଦାଶ, ଆମ ଓଡ଼ିଶା, ୪ ଆର୍ ୧/୨, ଇଉନିଟ୍-୩, ଭୁବନେଶ୍ୱର ।


**ନମୁନା ପ୍ରଶ୍ନ(Sample Questions):**

୧. ସନେଟ୍‌ରେ କେତେଗୋଟି ପାଦ ରହିଥାଏ ? (୧ମାର୍କ ପ୍ରଶ୍ନ)

୨.ଗଳ୍ପ ଓ ଉପନ୍ୟାସ ମଧ୍ୟରେ ଦୁଇଗୋଟି ପାର୍ଥକ୍ୟ ଲେଖ । (୨ମାର୍କ ପ୍ରଶ୍ନ)

୩. ଏକାଙ୍କିକା ନାଟକର ବାମନରୂପ ନୁହେଁ, କାହିଁକି? ଦର୍ଶାଅ। (୫ମାର୍କ ପ୍ରଶ୍ନ)

୪.ଭ୍ରମଣ କାହାଣୀର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ ପ୍ରଦର୍ଶନ କର । (୮ମାର୍କ ପ୍ରଶ୍ନ)

## Core III ଦ୍ୱିତୀୟ ପର୍ଯ୍ୟାୟ (Semester - II)

# ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଓଡ଼ିଆ ସାହିତ୍ୟର ପ୍ରାଚୀନ ଐତିହ୍ୟ ଗୌରବାବହ । ବିଶେଷତଃ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଚର୍ଯ୍ୟାଗୀତିକାଠାରୁ ପଞ୍ଚସଖା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଓଡ଼ିଶାର ଧର୍ମଧାରା, ସାମାଜିକ ଓ ସାଂସ୍କୃତିକ ପ୍ରାଣପ୍ରବାହ ତଥା ଓଡ଼ିଆ ଜାତିର ଅସ୍ମିତା ପ୍ରସ୍ଫୁଟିତ । ଏହି ପତ୍ରଟିର ଅଧ୍ୟୟନ ମାଧ୍ୟମରେ ଶିକ୍ଷାର୍ଥୀମାନେ ପ୍ରାକ୍-ସାରଳା, ସାରଳା ଓ ପଞ୍ଚସଖା ସାହିତ୍ୟର ଐତିହାସିକ ବିକାଶ ଓ ବିଶେଷତ୍ୱକୁ ଉପଲବ୍ଧି କରିପାରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ପ୍ରାକ୍-ସାରଳା ଯୁଗର ସାହିତ୍ୟ ମୁଖ୍ୟତଃ ଧର୍ମକୈନ୍ଦ୍ରିକ, ତନ୍ମଧ୍ୟରୁ ବୌଦ୍ଧଧର୍ମ ଓ ନାଥଧର୍ମ ସମ୍ପର୍କରେ ରଚିତ ସାହିତ୍ୟ ଉପରେ ଏହି ଏକକ ଧାରଣା ପ୍ରଦାନକରିବ । ପ୍ରସଙ୍ଗକ୍ରମେ ଛାତ୍ରଛାତ୍ରୀ ତତ୍‌କାଳୀନ ସାମାଜିକ ଓ ସାହିତ୍ୟିକ ପରିଚୟ ସମ୍ପର୍କରେ ମଧ୍ୟ ଅବଗତ ହୋଇପାରିବେ ।

**୨ୟ ଏକକ :** ମହାକବି ସାରଳା ଦାସଙ୍କ ସାହିତ୍ୟ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ବୈଶିଷ୍ଟ୍ୟ ବହନ କରେ । ଶଂସିତ ଏକକରେ ତାହା ଉପଲବ୍ଧ ହେବ ।

**୩ୟ ଏକକ :** ପଞ୍ଚସଖା ସାହିତ୍ୟିକଙ୍କ ମଧ୍ୟରୁ ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କ ଭୂମିକା ଅଗ୍ରଗଣ୍ୟ । ଏହି ଦୁଇ ସାହିତ୍ୟ ସାଧକଙ୍କ ସମ୍ପର୍କରେ ଏହି ଏକକର ଅଧ୍ୟୟନ ଉପାଦେୟ ହେବ ।

**୪ର୍ଥ ଏକକ :** ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଶିଶୁ ଅନନ୍ତଙ୍କ ସାରସ୍ୱତ ସୃଷ୍ଟିର ମହତ୍ତ୍ୱ ଏହି ଏକକରୁ ମିଳିପାରିବ ।

## ପାଠ୍ୟ ବିଷୟ

**୧ମ ଏକକ :** ପ୍ରାକ୍-ସାରଳା ସାହିତ୍ୟ : ଚଯ୍ୟାଗୀତିକା ଓ ନାଥ ସାହିତ୍ୟ
(ସାମାଜିକ, ସାହିତ୍ୟିକ, ଧାର୍ମିକ ମୂଲ୍ୟାୟନ)

**୨ୟ ଏକକ :** ସାରଳା ସାହିତ୍ୟ
(ସାମାଜିକ, ଐତିହାସିକ, ସାଂସ୍କୃତିକ ଓ ସାହିତ୍ୟିକ ମୂଲ୍ୟ)

**୩ୟ ଏକକ :** ପଂଚସଖା ସାହିତ୍ୟ : ବଳରାମ ଦାସ ଓ ଜଗନ୍ନାଥ ଦାସ (ବିଶେଷ ଅଧ୍ୟୟନ)

**୪ର୍ଥ ଏକକ :** ପଂଚସଖା ସାହିତ୍ୟ : ଅନନ୍ତ ଦାସ, ଯଶୋବନ୍ତ ଦାସ ଓ ଅଚ୍ୟୁତାନନ୍ଦ ଦାସ (ବିଶେଷ ଅଧ୍ୟୟନ)

**ସହାୟକ ଗ୍ରନ୍ଥ ସୂଚୀ (Book of Reference ):**

୧. ଚର୍ଯ୍ୟାଗୀତିକା- ଖଗେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଓଡ଼ିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ – ବଂଶୀଧର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ . କଟକ ।

୩. ଓଡ଼ିଆ ସାହିତ୍ୟର ଇତିହାସ- ସୂର୍ଯ୍ୟ ନାରାୟଣ ଦାଶ (୧ମ, ୨ୟ ଭାଗ) ଗ୍ରନ୍ଥ ମନ୍ଦିର, କଟକ ।

୪.ଓଡ଼ିଆ ସାହିତ୍ୟର ଆଦିପର୍ବ – ସୁରେନ୍ଦ୍ର ମହାନ୍ତି, କଟକ ଷ୍ଟୁଡେଣ୍ଟ୍ ଷ୍ଟୋର, କଟକ ।

୫. ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ – ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ଗ୍ରନ୍ଥ ମନ୍ଦିର, କଟକ ।

୬ .ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ– ସୁରେନ୍ଦ୍ର ମହାନ୍ତି, କଟକ ଷ୍ଟୁଡେଣ୍ଟ୍ ଷ୍ଟୋର, କଟକ ।

୭.ପଂଚସଖା ଓଡ଼ିଆ ସାହିତ୍ୟ- ଦେବେନ୍ଦ୍ର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ . କଟକ ।

୮.ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ଉତ୍ତରଣ, ତୃତୀୟ ଭାଗ-ଦେବେନ୍ଦ୍ର ମହାନ୍ତି,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ – କରୁଣାକର କର, ଓଡ଼ିଶା ସାହିତ୍ୟ ଏକଡ଼େମୀ, ଭୁବନେଶ୍ୱର ।

୧୦.ସାରଳା ମହାଭାରତର ଭୂମିପର୍ବ- ଉଦୟନାଥ ସାହୁ, ଚିନ୍ମୟ ପ୍ରକାଶନ, କଟକ ।

**ନମୁନା ପ୍ରଶ୍ନ (Sample Questions) :**

୧. ଚର୍ଯାଗୀତିକାରେ କେଉଁ ଓଡ଼ିଆ କବିଙ୍କର ସର୍ବାଧିକ ଗୀତିକା ରହିଛି ? (୧ମାର୍କ ପ୍ରଶ୍ନ)

୨. ଲୁଇପାଙ୍କର ଦୁଇଗୋଟି ଗୀତିକାର ନାମ ଲେଖ । (୨ମାର୍କ ପ୍ରଶ୍ନ)

୩. ନାଥସାହିତ୍ୟକୁ ଗୋରେଖନାଥଙ୍କ ଅବଦାନ ଉଲ୍ଲେଖ କର । (୫ମାର୍କ ପ୍ରଶ୍ନ)

୪. ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ'ର ସାମାଜିକ ମୂଲ୍ୟ ନିର୍ଦ୍ଧାରଣ କର । (୮ ମାର୍କ ପ୍ରଶ୍ନ)

**Core IV** **ଦ୍ୱିତୀୟ ପର୍ଯ୍ୟାୟ (Semester - II)**

# ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଇତିହାସ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ବେଶ୍ ବିଭବଶାଳୀ । ଏହାର ପୃଷ୍ଠଭୂମି ସମକାଳୀନ ସାହିତ୍ୟର ଆଳଙ୍କାରିକ ବୈଚିତ୍ର୍ୟ, ରସଚେତନା, ଛନ୍ଦବିଭବ, ସୌନ୍ଦର୍ଯ୍ୟ ଚେତନା ଆଦି ବିଶେଷ ପ୍ରଣିଧାନଯୋଗ୍ୟ । ପ୍ରସ୍ତୁତ ପତ୍ରର ପାଠ୍ୟଖସଡ଼ାରୁ ଶିକ୍ଷାର୍ଥୀମାନେ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟର ରୂପଗତ ଓ ଗୁଣଗତ ବିଶେଷତ୍ୱ ଜାଣିପାରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଧର୍ମଧାରା, ରାଜନୀତି, ସାମାଜିକତା ତଥା ସାଂସ୍କୃତିକ ପୃଷ୍ଠଭୂମି ଉପରେ ଏହି ଏକକଟି ପର୍ଯ୍ୟବସିତ ହୋଇଥିବାରୁ ଏହି ସମୟର ସାହିତ୍ୟର ସୃଷ୍ଟି ପୃଷ୍ଠପଟ୍ଟରେ ରହିଥିବା ଦିଗଗୁଡ଼ିକ ବିଷୟରେ ଛାତ୍ରଛାତ୍ରୀ ଅବଗତ ହେବେ ।

**୨ୟ ଏକକ :** ଆଙ୍ଗିକ ଦୃଷ୍ଟିରୁ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟ କିପରି ବହୁ ବିବିଧତାପୂର୍ଣ୍ଣ ତାହାର ଧାରଣା ଏଠାରେ ମିଳିପାରିବ।

**୩ୟ ଏକକ :** ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଭାବାଦର୍ଶ, ରସଚେତନା ଓ ସୌନ୍ଦର୍ଯ୍ୟବୋଧ ସାହିତ୍ୟର ଆତ୍ମିକ ଦିଗକୁ କିପରି ବିମଣ୍ଡିତ କରିଛି, ତାହା ଏହି ଏକକରୁ ଉପଲବ୍ଧ ହେବ ।

**୪ର୍ଥ ଏକକ :** ମଧ୍ୟଯୁଗୀୟ ସାହିତ୍ୟର ଗୋଟିଏ ଜନପ୍ରିୟ ବିଭାଗ ହେଉଛି ଗୀତିକବିତା । କ୍ଷୁଦ୍ରକ୍ଷୁଦ୍ର ଗୀତିରଚନା ମାଧ୍ୟମରେ ତଥା ଚମ୍ପୂ, ଚଉପଦୀ, ଭଜନ, ଜଣାଣ ଓ ମୁଷ୍ଟିମେୟ ଗଦ୍ୟ ରଚନା ଦ୍ୱାରା ଏ ଯୁଗର ସାହିତ୍ୟ କିପରି ପରିପୁଷ୍ଟ , ତାହାର ଧାରଣାଦେବ ଏହି ଏକକ ।

## ପାଠ୍ୟ ବିଷୟ

**୧ମ ଏକକ :** ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ( ସାମାଜିକ, ସାଂସ୍କୃତିକ, ରାଜନୀତିକ ଓ ଧର୍ମୀୟ)

**୨ୟଏକକ :** ମଧ୍ୟଯୁଗୀୟ କାବ୍ୟର ଆଂଗିକ ବୈଚିତ୍ର୍ୟ (ବିଷୟବିନ୍ୟାସ, ଭାଷା ,ଛନ୍ଦ, ଆଳଂକାରିକତା ଓ ବର୍ଣ୍ଣନା ବୈଚିତ୍ର୍ୟ )

**୩ୟ ଏକକ :** ମଧ୍ୟଯୁଗୀୟ କାବ୍ୟର ଆତ୍ମିକ ବିଭବ (ରସ, ସୌନ୍ଦର୍ଯ୍ୟ ଚେତନା ଓ ଭାବାଦର୍ଶ)

**୪ର୍ଥ ଏକକ :** ମଧ୍ୟଯୁଗୀୟ ଓଡ଼ିଆ ଗୀତିକାବ୍ୟ ଓ ଗଦ୍ୟଧାରା -

(କ) ଚମ୍ପୂ, ଚଉପଦୀ, କୋଇଲି, ଚଉତିଶା, ଭଜନ, ଜଣାଣ

(ଖ) ମଧ୍ୟଯୁଗୀୟ ଓଡ଼ିଆ ଗଦ୍ୟର ପରିଚୟ

**ସହାୟକ ଗ୍ରନ୍ଥସୂଚୀ (Book of Reference ) :**

୧ – ଓଡ଼ିଆ ସାହିତ୍ୟର ଇତିହାସ (୪ର୍ଥ ଭାଗ) – ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ, ଗ୍ରନ୍ଥମନ୍ଦିର, କଟକ ।

୨ – ଭଞ୍ଜୀୟ କାବ୍ୟଭାବନା – ବେଣୀମାଧବ ପାଢୀ, ଗ୍ରନ୍ଥମନ୍ଦିର, କଟକ ।

୩ – ମଧ୍ୟକାଳୀନ ଓଡ଼ିଆ ସାହିତ୍ୟ – କୃଷ୍ଣଚରଣ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ . କଟକ ।

୪ - ଓଡ଼ିଆ ଗୀତିକାବ୍ୟ – ଜାନକୀ ବଲ୍ଲଭ ମହାନ୍ତି, ଗ୍ରନ୍ଥମନ୍ଦିର, କଟକ ।

୫ – ଓଡ଼ିଆ କାବ୍ୟକୌଶଳ – ସୁଦର୍ଶନ ଆଚାର୍ଯ୍ୟ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୬- ଗୋପାଳକୃଷ୍ଣ ପଦାବଳୀ ଓ ପରିକ୍ରମା - କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୭ – ରୀତି କାବ୍ୟର ଭିତ୍ତି ଓ ଭୂତି – ସୁରେନ୍ଦ୍ର କୁମାର ନାୟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୮ – ପ୍ରାଚୀନ ମଧ୍ୟଯୁଗ ସାହିତ୍ୟ : ନୂତନ ପ୍ରେକ୍ଷାପଟ –ନୀଳାଦ୍ରିଭୂଷଣ ହରିଚନ୍ଦନ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ,କଟକ ।

୯- ଓଡ଼ିଆ କବିତାର ଛନ୍ଦ- ଗୌରୀକୁମାର ବ୍ରହ୍ମା, କଟକ ଷ୍ଟୁଡେଣ୍ଟ୍ସ୍ ଷ୍ଟୋର, କଟକ ।

୧୦- ଓଡ଼ିଆ ଛନ୍ଦର ବିକାଶଧାରା- ଜାନକୀ ବଲ୍ଲଭ ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

୧୧- ରୀତି କାବ୍ୟ ସଂପର୍କରେ- ଗଙ୍ଗାଧର ବଳ, ଓଡ଼ିଶା ବୁକ୍ ଷ୍ଟୋର, କଟକ ।

**ନମୁନା ପ୍ରଶ୍ନ (Sample Questions):**

୧. ମନବୋଧ ଚଉତିଶାର ରଚୟିତା କିଏ ? (୧ ମାର୍କ)

୨. ଚମ୍ପୂ କାବ୍ୟର ଦୁଇଟି ଲକ୍ଷଣ ଲେଖ । (୨ମାର୍କ)

୩. ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟରେ ରଚିତ ଗଦ୍ୟ ରଚନାର ପରିଚୟ ଦିଅ । (୫ ମାର୍କ)

୪. ରୀତି ଯୁଗର ସାହିତ୍ୟ ଶୃଙ୍ଗାର ରସ ପ୍ରଧାନ- ଏହାର ଯଥାର୍ଥତା ବିଚାର କର । (୮ ମାର୍କ)

## Core V ତୃତୀୟ ପର୍ଯ୍ୟାୟ (Semester-III)

# ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ନବଜାଗରଣ ଯୁଗ ଓ ସତ୍ୟବାଦୀ ଧାରା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):** ଆଧୁନିକ ଯୁଗରେ ଓଡ଼ିଆ ସାହିତ୍ୟରେ ଆସିଛି ବ୍ୟାପକ ପରିବର୍ତ୍ତନ। ବିଭିନ୍ନ ପତ୍ରପତ୍ରିକା ପ୍ରକାଶନ ସହିତ କାବ୍ୟସାହିତ୍ୟ ଓ ଗଦ୍ୟସାହିତ୍ୟର ଘଟିଛି ଅଭିନବ ଉନ୍ମେଷ । ଶଂସିତ ପାଠ୍ୟପତ୍ରରେ ଆଧୁନିକ ଯୁଗର ନବଜାଗରଣ ଓ ସତ୍ୟବାଦୀ ପର୍ଯ୍ୟାୟ ସମ୍ପର୍କରେ ଅବଗତ ହେବାର ସୁଯୋଗ ରହିଛି ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ସାହିତ୍ୟରେ ନବଜାଗରଣର ପୃଷ୍ଠଭୂମିରେ ଇଂରାଜୀ ଶିକ୍ଷା, ପାଠ୍ୟପୁସ୍ତକ, ମୁଦ୍ରଣଯନ୍ତ୍ର, ପତ୍ରପତ୍ରିକା ତଥା ଭାଷା ଆନ୍ଦୋଳନ କିପରି ମୁଣ୍ଡ ଟେକିଥିଲା, ତାହାର ସୂଚନା ଉପଲବ୍ଧ ହେବ ଏହି ଏକକରେ।

**୨ୟ ଏକକ :** ନବଜାଗରଣର ରୂପରେଖ ସହିତ ସତ୍ୟବାଦୀ ସାହିତ୍ୟଧାରାର ଆଭାସ ଏହି ଏକକଟିରେ ଛାତ୍ରଛାତ୍ରୀ ପାଇପାରିବେ।

**୩ୟ ଏକକ:** ନବଜାଗରଣ ସମୟର ବିଶିଷ୍ଟ କବି ଓ କଥାକାର ରାଧାନାଥ, ଫକୀରମୋହନ, ଗଙ୍ଗାଧର, ଗୋପବନ୍ଧୁ ଓ ଗୋଦାବରୀଶଙ୍କ ସମ୍ପର୍କରେ ଏହି ଏକକରେ ଚର୍ଚ୍ଚା କରାଯିବ। ଫଳରେ ଶିକ୍ଷାର୍ଥୀମାନେ ଏହି ସମୟର ବିଶିଷ୍ଟ ସାହିତ୍ୟସ୍ରଷ୍ଟାଙ୍କ କୃତିତ୍ୱ ଜାଣିପାରିବେ।

**୪ର୍ଥ ଏକକ :** ସମକାଳୀନ ପ୍ରାବନ୍ଧିକ ଓ ନାଟ୍ୟକାର ଭାବେ ଖ୍ୟାତିସିଦ୍ଧ ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, କାମପାଳ ମିଶ୍ର, ମଧୁସୂଦନ ରାଓ, ବିଶ୍ୱନାଥ କର ଓ ନୀଳକଣ୍ଠ ଦାସଙ୍କ ସମ୍ପର୍କରେ ଏହି ଏକକ ଧାରଣା ପ୍ରଦାନ କରିବ ।

# ପାଠ୍ୟ ବିଷୟ

**୧ମ ଏକକ :** ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ଓ ନବଜାଗରଣ

(ଇଂରାଜୀଶିକ୍ଷା ବିସ୍ତାର, ପାଠ୍ୟପୁସ୍ତକ ଓ ପତ୍ରପତ୍ରିକା ପ୍ରକାଶନ, ମୁଦ୍ରଣଯନ୍ତ୍ର ପ୍ରତିଷ୍ଠା ଓ ଭାଷାସୁରକ୍ଷା ଆନ୍ଦୋଳନ)

**୨ୟ ଏକକ :** ନବଜାଗରଣ ଓ ସତ୍ୟବାଦୀ ସାହିତ୍ୟଧାରାର ବୈଶିଷ୍ଟ୍ୟ

**୩ୟ ଏକକ :** ସମକାଳୀନ ପ୍ରମୁଖ କବି ଓ କଥାକାର

(ରାଧାନାଥ ରାୟ, ଫକୀରମୋହନ, ଗଂଗାଧର ମେହେର, ଗୋପବନ୍ଧୁ ଓ ଗୋଦାବରୀଶ )

**୪ର୍ଥ ଏକକ :** ସମକାଳୀନ ପ୍ରମୁଖ ପ୍ରାବନ୍ଧିକ ଓ ନାଟ୍ୟକାର

(ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, କାମପାଳ ମିଶ୍ର, ମଧୁସୂଦନ ରାଓ, ବିଶ୍ୱନାଥ କର, ନୀଳକଂଠ ଦାସ)

**ସହାୟକ ଗ୍ରନ୍ଥସୂଚୀ (Book of reference) :**


(୧) ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩ ରୁ ୧୯୨୦)- ନଟବର ସାମନ୍ତରାୟ, , ଭୁବନେଶ୍ୱର ।

(୨) ଊନବିଂଶ ଶତାବ୍ଦୀର ଓଡ଼ିଆ ପତ୍ରପତ୍ରିକା - ଅରବିନ୍ଦ ଦାସ, ତିହିଡ଼ି, ଭଦ୍ରକ ।

(୩) କାବ୍ୟଶିଳ୍ପୀ ଗଂଗାଧର – ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା ,ପ୍ରକାଶିକା-ଶ୍ରୀମତୀ ସରସ୍ୱତୀ ଉଦ୍‌ଗାତା, ଗୋପାଳମାଳ, ସମ୍ବଲପୁର ।

(୪) ଗଂଗାଧର ସାହିତ୍ୟ ଜିଜ୍ଞାସା –ବଭ୍ରୁବାହନ ମହାପାତ୍ର – ବିଜୟିନୀ ପବ୍ଲି କେଶନସ୍ ,କଟକ ।

(୫) ଯୁଗଜ୍ୟୋତି ରାଧାନାଥ – ଦେବେନ୍ଦ୍ର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

(୬) କାବ୍ୟ ଓ କଳାକାର – ଚିନ୍ତାମଣି ବେହେରା, ଜଗନ୍ନାଥ ରଥ, କଟକ ।

(୭) ନବଯୁଗର କବି ଓ କାବ୍ୟଧାରା – ଜାନକୀବଲ୍ଲଭ ମହାନ୍ତି, ଗ୍ରନ୍ଥମନ୍ଦିର, କଟକ ।

(୮) ଆଧୁନିକ ଓଡ଼ିଆ କାବ୍ୟଧାରା(ଆଦିଯୁଗ)-ନରେନ୍ଦ୍ର ନାଥ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

(୯) ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ ,କଟକ ।

(୧୦) ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗ – ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ , ଫ୍ରେଣ୍ଡସ୍ ପବ୍ଲିଶର୍ସ ,କଟକ ।


**ନମୁନା ପ୍ରଶ୍ନ (Sample Questions):**

୧.ଗୌରୀଶଙ୍କର ରାୟଙ୍କ ' ଉତ୍କଳ ଦୀପିକା ' ପ୍ରଥମେ କେଉଁ ମସିହାରୁ ଆତ୍ମପ୍ରକାଶ କରିଥିଲା ? (୧ ମାର୍କ)

୨.ଗୋପବନ୍ଧୁଙ୍କ ରଚିତ ଦୁଇଗୋଟି କବିତା ଗ୍ରନ୍ଥର ନାମ ଲେଖ । (୨ ମାର୍କ)

୩. ପ୍ରାବନ୍ଧିକ ମଧୁସୂଦନଙ୍କ ପ୍ରବନ୍ଧକଳାର ବିଶେଷତ୍ୱ ଦର୍ଶାଅ । (୫ ମାର୍କ)

୪. ଫକୀରମୋହନଙ୍କ କଥାସାହିତ୍ୟରୁ ସମକାଳୀନ ସମାଜର ଚିତ୍ର ପ୍ରଦର୍ଶନ କର । (୮ ମାର୍କ)

## Core VI ତୃତୀୟ ପର୍ଯ୍ୟାୟ (Semester-III)

# ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ସବୁଜ, ପ୍ରଗତିବାଦୀ ଧାରା ଓ ସ୍ୱାଧୀନତା ପରବର୍ତ୍ତୀକାଳ(୨୦୦୦ ପର୍ଯ୍ୟନ୍ତ)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଆଧୁନିକ ଯୁଗର ସବୁଜ ଧାରାଠାରୁ ସ୍ୱାଧୀନତା ପରବର୍ତ୍ତୀକାଳ(୨୦୦୦ ପର୍ଯ୍ୟନ୍ତ) ଓଡ଼ିଆ ସାହିତ୍ୟ ରୂପରେଖ ଉପରେ ଏହି ପତ୍ରଟି ଧାରଣା ଦେବ। ବିଶେଷତଃ ସବୁଜ କାବ୍ୟଧାରା, ପ୍ରଗତିବାଦୀ ସାହିତ୍ୟ ଓ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ବିବିଧ ରଚନା ସମ୍ପର୍କରେ ପରିଚୟାତ୍ମକ ଜ୍ଞାନ ଛାତ୍ରଛାତ୍ରୀ ଲାଭକରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ସତ୍ୟବାଦୀ ଯୁଗପରେ ବିଶ୍ୱକବି ରବୀନ୍ଦ୍ରନାଥ ଓ ଇଂରାଜୀ ରୋମାଣ୍ଟିକ କବିମାନଙ୍କ ଅନୁପ୍ରେରଣାରେ ଓଡ଼ିଆ ସାହିତ୍ୟରେ କିପରି ସବୁଜ କାବ୍ୟଧାରାର ସୂତ୍ରପାତ ଘଟିଥିଲା ଏବଂ ଏକାଳର ତରୁଣ କବି ଲେଖକମାନେ ସାହିତ୍ୟକୁ କିପରି ଶ୍ୟାମଳିମାମୟ କରିଥିଲେ, ତାହା ଶିକ୍ଷାର୍ଥୀମାନେ ଏହି ଏକକରେ ଉପଲବ୍ଧି କରିବେ ।

**୨ୟ ଏକକ :** ସବୁଜଗୋଷ୍ଠୀଙ୍କ ପରେ ମାର୍କ୍ସବାଦର ପ୍ରଭାବରେ ଓଡ଼ିଶାରେ ନିପୀଡ଼ିତ ସର୍ବହରା ମଣିଷର ଜୀବନ କଥାକୁ ନେଇ ପ୍ରଗତିବାଦୀ କାବ୍ୟଧାରା କିପରି ପ୍ରସାରଲାଭ କରିଥିଲା, ତାହା ଶି କ୍ଷାର୍ଥୀମାନଙ୍କୁ ଉପଲବ୍ଧ କରାଇବ ଏହି ଏକକର ପାଠ୍ୟକ୍ରମ ।

**୩ୟ ଏକକ :** ସ୍ୱାଧୀନତା ପ୍ରାପ୍ତି ପରେ ଓଡ଼ିଆ କବିତା ଓ ନାଟକ କ୍ଷେତ୍ରରେ କିପରି ପରିବର୍ତ୍ତନ ଆସିଥିଲା, ସେ ସମ୍ପର୍କୀୟ ତଥ୍ୟମୂଳକ ଜ୍ଞାନ ଏହି ଏକକରେ ହାସଲକରିବେ ଛାତ୍ରଛାତ୍ରୀ ।

**୪ର୍ଥ ଏକକ :** ଏହି ଏକକରେ ସ୍ୱାଧୀନତା ପରକାଳର କଥାସାହିତ୍ୟ ଓ ଗଦ୍ୟସାହିତ୍ୟ ଉପରେ ଛାତ୍ରଛାତ୍ରୀ ଅବଗତ ହେବେ ।

## ପାଠ୍ୟ ବିଷୟ

**୧ମ ଏକକ :** ଓଡ଼ିଆ ସାହିତ୍ୟରେ ସବୁଜ କାବ୍ୟଧାରା

**୨ୟ ଏକକ :** ପ୍ରଗତିବାଦୀ କାବ୍ୟଧାରା

**୩ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ( କବିତା ଓ ନାଟକ)

**୪ର୍ଥ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ( କଥାସାହିତ୍ୟ ଓ ଗଦ୍ୟସାହିତ୍ୟ )

**ସହାୟକ ଗ୍ରନ୍ଥସୂଚୀ (Book of reference) :**


(୧) ଓଡ଼ିଆ ସାହିତ୍ୟରେ ସବୁଜଧାରା (ସଂ) – ରାଘବାନନ୍ଦ ନାୟକ ।

(୨) ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା - ବିଜୟ କୁମାର ଶତପଥୀ, ଓଡ଼ିଶା ବୁକ୍ସ ଷ୍ଟୋର, କଟକ ।

(୩) ସବୁଜରୁ ସାମ୍ପ୍ରତିକ – ନିତ୍ୟାନନ୍ଦ ଶତପଥୀ , ଗ୍ରନ୍ଥମନ୍ଦିର, କଟକ ।

(୪) ଆଧୁନିକ ଓଡ଼ିଆ କବିତାର ଭାବଭୂମି - ବଭ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲିକେଶନସ୍ କଟକ ।

(୫) ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - କ୍ଷେତ୍ରବାସୀ ନାୟକ, ଅକ୍ଷର, କଟକ ।

(୬) ସବୁଜ କବିତାର ରୂପବିଭବ - ପ୍ରମୋଦ କୁମାର ପାଢୀ, ଶ୍ୟାମା ପ୍ରକାଶନୀ, ପଦ୍ମପୁର, ବରଗଡ଼ ।

(୭) ଆଧୁନିକ ଓଡ଼ିଆ ସାହିତ୍ୟ - ଜାନକୀ ବଲ୍ଲଭ ମହାନ୍ତି, ଗ୍ରନ୍ଥ ମନ୍ଦିର, କଟକ ।
(୮) ନବଯୁଗର କବି ଓ କାବ୍ୟଧାରା- ଜାନକୀବଲ୍ଲଭ ମହାନ୍ତି, ଗ୍ରନ୍ଥମନ୍ଦିର, କଟକ ।
(୯) ସବୁଜ ଅକ୍ଷର- ଅନ୍ନଦାଶଙ୍କର ରାୟ, ଦାସ ବ୍ରଦର୍ସ, ବ୍ରହ୍ମପୁର ।

**ନମୁନା ପ୍ରଶ୍ନ (Sample Questions) :**

୧. ସବୁଜ କାବ୍ୟଧାରାର ଲେଖକମାନଙ୍କ ସମ୍ମିଳିତ ଉଦ୍ୟମରେ ଯେଉଁ ଉପନ୍ୟାସ ପ୍ରକାଶିତ ହୋଇଥିଲା, ତାହାର ନାମ ଲେଖ । (୧ ମାର୍କ)
୨. ସବୁଜ କାବ୍ୟଶିଳ୍ପୀ ବୈକୁଣ୍ଠନାଥଙ୍କ ଦୁଇଗୋଟି କବିତା ଗ୍ରନ୍ଥର ନାମ ଲେଖ । (୨ ମାର୍କ)
୩. ସ୍ୱାଧୀନତା ପରକାଳର ଓଡ଼ିଆ କାବ୍ୟଶିଳ୍ପୀଙ୍କ ମଧ୍ୟରୁ ବେଣୁଧର ରାଉତଙ୍କ କବିତାର ବିଶେଷତ୍ୱ ପ୍ରଦର୍ଶନ କର । (୫ ମାର୍କ)
୪. କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି କିମ୍ବା ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର ମହତ୍ତ୍ୱ ବିଚାର କର । (୮ ମାର୍କ)

## Core VII ତୃତୀୟ ପର୍ଯ୍ୟାୟ (Semester-III)

# ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଓଡ଼ିଆ ସାହିତ୍ୟର ଐତିହାସିକ ବିବର୍ତ୍ତନ ଧାରା ଅବଗତ ହେବାପରେ ଏହି ପାଠ୍ୟପତ୍ରରେ ଛାତ୍ରଛାତ୍ରୀ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତାର ପ୍ରାସଙ୍ଗିକ ଦିଗଗୁଡ଼ିକ ନିର୍ଦ୍ଧାରିତ ପାଠ୍ୟବିଷୟ ମାଧ୍ୟମରେ ଜାଣିବାର ସୁଯୋଗ ଲାଭ କରିବେ । ବିଶେଷତଃ ଚର୍ଯ୍ୟାଗୀତିକାଠାରୁ ଆରମ୍ଭକରି ସାରଳା ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ ଓ ରୀତିକବି ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ଭକ୍ତଚରଣ, ବଳଦେବ ପ୍ରମୁଖଙ୍କ ରଚନାର କିୟଦଂଶ ପାଠକରି କବିତାର କ୍ରମିକ ବିକାଶଧାରା ଉପଲବ୍ଧି କରିପାରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** କାହ୍ନୁପାଦ ଓ ଲୁଇପାଦ ଚର୍ଯ୍ୟାଗୀତିକାର ଦୁଇ ପ୍ରମୁଖ କବିଙ୍କ ଗୀତିକା ମାଧ୍ୟମରେ ଚର୍ଯାପଦର ଗୁଣାତ୍ମକ ବୈଶିଷ୍ଟ୍ୟ ଚିହ୍ନିତ ହୋଇପାରିବ ।

**୨ୟ ଏକକ :** ସାରଳା ଦାସଙ୍କ ମହାଭାରତ ଓ ଜଗନ୍ନାଥ ଦାସଙ୍କ ଭାଗବତ ଶଂସିତ ସମୟଖଣ୍ଡର କାଳଜୟୀ ରଚନା । ଏହି ଉଭୟ ରଚନାରୁ ଏକ ଏକ ଅଂଶ ଅଧ୍ୟୟନକରି ଛାତ୍ରଛାତ୍ରୀ ଦୁଇ ମହାନ୍ ସ୍ରଷ୍ଟାଙ୍କ କବି ପ୍ରତିଭାର ଅବଧାରଣା କରିପାରିବେ।

**୩ୟ ଏକକ :** ଭଞ୍ଜ ଓ ଦୀନକୃଷ୍ଣ ରୀତିଯୁଗୀୟ କାବ୍ୟ ସାହିତ୍ୟର ପ୍ରମୁଖ ସ୍ରଷ୍ଟା। ଦୀନକୃଷ୍ଣଙ୍କ ରସକଲ୍ଲୋଳ ଓ ଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ଗୋଟିଏ ଗୋଟିଏ ଛାନ୍ଦ ଆଧାରରେ ରୀତିଯୁଗର ପୌରାଣିକ ଓ କାଳ୍ପନିକ କାବ୍ୟଧାରାର ଧାରଣା ମିଳିପାରିବ।

**୪ର୍ଥ ଏକକ :** କାବ୍ୟ ବ୍ୟତିରେକ କୋଇଲି, ଚଉତିଶା ଓ ଚମ୍ପୂ ରଚନା ରୀତିଯୁଗୀୟ ସାହିତ୍ୟକୁ ସମୃଦ୍ଧ କରିଛି । ତାହାର ଝଲକ ଏହି ଏକକର ପାଠ୍ୟ ଖସଡ଼ାରୁ ମିଳିପାରିବ ।

# ପାଠ୍ୟ ବିଷୟ

**୧ମ ଏକକ :** କ) ଲୁଇପାଦ – କାୟାତରୁ ଚର୍ଯ୍ୟା

ଖ) କାହ୍ନୁପାଦ – ବାଟଓଗାଳ ଚର୍ଯ୍ୟା (ଚର୍ଯ୍ୟା ନଂ – ୭)

**୨ୟ ଏକକ :** କ) ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ – ସାରଳା ଦାସ (ସାରଳା ମହାଭାରତ – ଆର୍ତ୍ତବଲ୍ଲଭ ମହାନ୍ତି ସମ୍ପାଦିତ)

ଖ) ଭାଗବତ (ଚବିଶ ଗୁରୁ ପ୍ରସଙ୍ଗ) – ଜଗନ୍ନାଥ ଦାସ

**୩ୟ ଏକକ :** କ) ରସକଲ୍ଲୋଳ (୩୪ଶ ଛାନ୍ଦ) – ଦୀନକୃଷ୍ଣ ଦାସ

ଖ) କୋଟିବ୍ରହ୍ମାଣ୍ଡ ସୁନ୍ଦରୀ (ପ୍ରଥମ ଛାନ୍ଦ) – ଉପେନ୍ଦ୍ର ଭଞ୍ଜ ।

**୪ର୍ଥ ଏକକ :** କ) କେଶବ କୋଇଲି – ମାର୍କଣ୍ଡ ଦାସ

ଖ) କଳାକଳେବର ଚଉତିଶା – ଭକ୍ତଚରଣ ଦାସ

ଗ) କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ – ('ଘ' ଗୀତ) – କବିସୂର୍ଯ୍ୟ ବଳଦେବ ରଥ

**ସହାୟକ ଗ୍ରନ୍ଥସୂଚୀ (Book of reference) :**

୧. ଚର୍ଯ୍ୟାଗୀତିକା – ଖଗେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ସାରଳା ଦାସଙ୍କ ଶ୍ରେଷ୍ଠ ରଚନା - ସଂ. ନୀଳାଦ୍ରି ଭୂଷଣ ହରିଚନ୍ଦନ, ନେସନାଲ ବୁକ ଟ୍ରଷ୍ଟ ଅଫ୍ ଇଣ୍ଡିଆ ।

୩. ସାରଳା ମହାଭାରତ ଚରିତ୍ରର ଚିତ୍ରଶାଳା – ସାରଳା ସାହିତ୍ୟ ସଂସଦ, କଟକ ।

୪. ଓଡ଼ିଆ ଭାଗବତ : ଜଗନ୍ନାଥ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

୫. ଜଗନ୍ନାଥ ଦାସଙ୍କ ଶ୍ରେଷ୍ଠ କାବ୍ୟକୃତି – ସଂ. ଦାଶରଥି ଦାସ, ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ।

୬. ବଳରାମ ଦାସଙ୍କ ଶ୍ରେଷ୍ଠ କାବ୍ୟକୃତି- ସଂ. ପ୍ରଦୀପ୍ତ କୁମାର ପଣ୍ଡା, ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ।

୭. ରସକଲ୍ଲୋଳ - ଦୀନକୃଷ୍ଣ ଦାସ, ସଂ. ଆର୍ତ୍ତବଲ୍ଲଭ ମହାନ୍ତି – ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୮. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ- ସଂ. କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଉପେନ୍ଦ୍ର ଭଞ୍ଜଙ୍କ ଶ୍ରେଷ୍ଠ କାବ୍ୟକୃତି- ସଂ. ଦାଶରଥି ଦାସ, ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ।

୧୦. କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ – ସଂ. କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

**ନମୁନା ପ୍ରଶ୍ନ (Sample Questions):**

୧. ଲୁଇପାଦଙ୍କ ଗୀତିକାରେ ଶରୀରକୁ କାହା ସହିତ ତୁଳନା କରାଯାଇଛି ? (୧ ମାର୍କ)

୨. ଅବଧୂତଙ୍କ ଗୁରୁମାନଙ୍କ ମଧ୍ୟରୁ ଯେକୌଣସି ଦୁଇଟି ଗୁରୁଙ୍କ ନାମ ଲେଖ । (୨ ମାର୍କ)

୩. ରସକଲ୍ଲୋଳର ୩୪ ଛାନ୍ଦରୁ ଗୋପୀଙ୍କ ବିରହଦଶାର ଚିତ୍ର ପ୍ରଦାନକର । (୫ ମାର୍କ)

୪. ମାର୍କଣ୍ଡ ଦାସଙ୍କ କେଶବ କୋଇଲିରୁ ଯଶୋଦାଙ୍କ ମାତୃ ହୃଦୟର ପରିଚୟ ଦିଅ । (୮ ମାର୍କ)

**Core VIII** **ଚତୁର୍ଥ ପର୍ଯ୍ୟାୟ (Semester-IV)**

# ଆଧୁନିକ ଓଡ଼ିଆ କବିତା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ରାଧାନାଥଙ୍କ ସମୟରୁ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଆଧୁନିକ ଓଡ଼ିଆ କବିତାର ଉତ୍ତରଣଧାରା ଅବଗତ ହେବା ନିମିତ୍ତ ଏହି ପାଠ୍ୟପତ୍ରଟି ଉଦ୍ଦିଷ୍ଟ । ଏହି ସମୟଖଣ୍ଡର ପ୍ରତିନିଧି ଶ୍ରେଣୀୟ କବିମାନଙ୍କର କାବ୍ୟାଂଶ ବା କବିତାପଠନ ମାଧ୍ୟମରେ ଛାତ୍ରଛାତ୍ରୀ ଏ ଦିଗରେ ଜ୍ଞାନ ଆହରଣ କରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଏହି ଏକକରେ ରାଧାନାଥଙ୍କ ମହାଯାତ୍ରା, ଗଙ୍ଗାଧରଙ୍କ ତପସ୍ୱିନୀ ଓ ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣିର ଗୋଟିଏ ଗୋଟିଏ ଅଂଶ ଅଧ୍ୟୟନଦ୍ୱାରା ଛାତ୍ରଛାତ୍ରୀ ପ୍ରାରମ୍ଭିକ ପର୍ଯ୍ୟାୟର ଆଧୁନିକ କାବ୍ୟଧାରା ବିଷୟରେ ଜାଣିପାରିବେ ।

**୨ୟ ଏକକ :** ମଧୁସୂଦନ, ଗୋଦାବରୀଶ ଓ କୁନ୍ତଳା କୁମାରୀଙ୍କ ଗୋଟିଏ ଗୋଟିଏ କବିତା ଏହି ଏକକରେ ସ୍ଥାନିତ। ଏଥିରୁ ଆଧୁନିକ ଓଡ଼ିଆ ଗୀତିକବିତାର ବୈଚିତ୍ର୍ୟ ଓ ବିଶେଷତ୍ୱ ସାଙ୍କେତିକରୂପେ ଉପଲବ୍ଧ ହେବ ।

**୩ୟ ଏକକ :** ରାଧାମୋହନ ଗଡ଼ନାୟକ, ମାୟାଧର ମାନସିଂହ ଓ ସଚ୍ଚିଦାନନ୍ଦ ରାଉତରାୟ ପ୍ରମୁଖ ଆଧୁନିକ ଓଡ଼ିଆ ସାହିତ୍ୟର ସୁପ୍ରତିଷ୍ଠିତ କବିଙ୍କ କବିତାଗୁଡ଼ିକ ଅଧ୍ୟୟନକରି ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ।

**୪ର୍ଥ ଏକକ :** ସ୍ୱାଧୀନତା ପରବର୍ତ୍ତୀ କାଳର ବିଶିଷ୍ଟ କବିତାମାନଙ୍କ ମଧ୍ୟରେ ବିନୋଦ ଚନ୍ଦ୍ର ନାୟକଙ୍କ 'ଗ୍ରାମପଥ', ସୌରୀନ୍ଦ୍ର ବାରିକଙ୍କ 'କର୍ଣ୍ଣ' ଓ ବ୍ରହ୍ମୋତ୍ରୀ ମହାନ୍ତିଙ୍କ 'ମୃତ୍ୟୁ ସମ୍ପର୍କରେ' କବିତାତ୍ରୟ ଏକଏକ ବିଶେଷ ଦିଗର ପ୍ରତିନିଧିତ୍ୱ କରେ । ତେଣୁ ଏହାର ଅଧ୍ୟୟନଦ୍ୱାରା ଅତ୍ୟାଧୁନିକ କବିତାର ମହତ୍ତ୍ୱ ବୁଝାପଡ଼ିବ।

## ପାଠ୍ୟ ବିଷୟ

**୧ମ ଏକକ :** କ) ମହାଯାତ୍ରା – ୧ମ ସର୍ଗ – ରାଧାନାଥ ରାୟ
ଖ) ତପସ୍ୱିନୀ–୩ୟ ସର୍ଗ – ଗଙ୍ଗାଧର ମେହେର
ଗ) ସ୍ତୁତି ଚିନ୍ତାମଣି–୩୭ଶ ବୋଲି – ଭୀମ ଭୋଇ

**୨ୟ ଏକକ :** କ) ବିଚ୍ଛେଦେ (ବସନ୍ତ ଗାଥା) – ମଧୁସୂଦନ ରାଓ
ଖ) ନିମିଷକ ଦେଖା – ଗୋଦାବରୀଶ ମିଶ୍ର
ଗ) ଶେଫାଳି ପ୍ରତି – କୁନ୍ତଳା କୁମାରୀ ସାବତ

**୩ୟ ଏକକ :** କ) ବୀରରାଣୀ ଶୁକଦେଈ (ଉତ୍କଳିକା) – ରାଧାମୋହନ ଗଡ଼ନାୟକ
ଖ) ବିରହୀ ଘନ – ମାୟାଧର ମାନସିଂହ
ଗ) ପ୍ରତିମା ନାୟକ – ସଚ୍ଚିଦାନନ୍ଦ ରାଉତରାୟ

**୪ର୍ଥ ଏକକ :** କ) ଗ୍ରାମପଥ – ବିନୋଦ ଚନ୍ଦ୍ର ନାୟକ
ଖ) କର୍ଣ୍ଣ – ସୌରୀନ୍ଦ୍ର ବାରିକ

ଗ) ମୃତ୍ୟୁ ସମ୍ପର୍କରେ – ବ୍ରହ୍ମୋତ୍ରୀ ମହାନ୍ତି

**ସହାୟକ ଗ୍ରନ୍ଥସୂଚୀ(Book of reference) :**


୧. ମହାଯାତ୍ରା ଓ ରାଧାନାଥ–ସଂ. ବେଣୁଧର ରାଉତ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ମାନସିଂହ ମାନସ– ଶ୍ରୀଚରଣ ମହାନ୍ତି, ପ୍ରଗତି ଉତ୍କଳ ସଂଘ, ରାଉରକେଲା ।

୩. ଗୋଦାବରୀଶ ମହାପାତ୍ର ପରିକ୍ରମା – ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ।

୪. ସବୁଜ କବିତାର ରୂପ ବିଭବ –ପ୍ରମୋଦ କୁମାର ପାଢୀ, ଶ୍ୟାମା ପ୍ରକାଶନୀ, ଭୁବନେଶ୍ୱର ।

୫. ଆଧୁନିକ ଓଡ଼ିଆ କବିତାରେ ନାରୀ – ବବ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲିକେଶନ୍ସ, କଟକ ।

୬. ସନ୍ଥକବି ଭୀମ ଭୋଇ– ସାରଳା ସାହିତ୍ୟ ସଂସଦ, ଓଡ଼ିଶା ବୁକ୍ ଷ୍ଟୋର, କଟକ ।


**ପାଠ୍ୟପୁସ୍ତକ( Text Books):**

୧. ବସନ୍ତ ଗାଥା–ମଧୁସୂଦନ ରାଓ, ଓଡ଼ିଶା ମିଶନ୍ ପ୍ରେସ୍, କଟକ ।

**ନମୁନା ପ୍ରଶ୍ନ (Sample Questions):**

୧. ତପସ୍ୱିନୀ କାବ୍ୟର କେତେ ଗୋଟି ସର୍ଗ ରହିଛି ? (୧ ମାର୍କ)

୨. ମଧୁସୂଦନଙ୍କ ଦୁଇ ଗୋଟି ସମ୍ବୋଧନ ଗୀତିକାର ନାମୋଲ୍ଲେଖ କର । (୨ ମାର୍କ )

୩. ପଠିତ କବିତା ଅବଲମ୍ବନରେ ପ୍ରତିମା ନାୟକର ଜୀବନାବସ୍ଥା ସୂଚାଇ ଦିଅ । (୫ ମାର୍କ)

୪. ଏକ ମିଥ୍‌ଧର୍ମୀ କବିତା ଭାବେ କର୍ଣ୍ଣ କବିତାର ମୂଲ୍ୟାୟନ କର । (୮ ମାର୍କ)

## Core IX ଚତୁର୍ଥ ପର୍ଯ୍ୟାୟ (Semester-IV)

## ଓଡ଼ିଆ ନାଟକ ଓ ଏକାଂକିକା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଓଡ଼ିଶାର ନାଟ୍ୟ ପରମ୍ପରା ସୁପ୍ରାଚୀନ ହେଲେ ହେଁ, ଆଧୁନିକ ଯୁଗରେ ହିଁ ଲିଖିତ ନାଟକ ଓ ଏକାଙ୍କିକାର ଯଥାର୍ଥ ପରିପ୍ରକାଶ ଘଟିଛି। ଜଗନ୍ମୋହନ ଲାଲଙ୍କ ବାବାଜୀଠାରୁ ଏଯାବତ୍ ଆମର ନାଟ୍ୟସାହିତ୍ୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ପରିବର୍ତ୍ତିତ ହୋଇଆସିଛି । ସଂସ୍କାରବୋଧ, ଭକ୍ତିଚେତନା, ଜାତୀୟ ଜାଗରଣ ଓ ରାଜନୀତି କ୍ଷେତ୍ରରେ ପଟ୍ଟ ପରିବର୍ତ୍ତନ ତଥା ସାମାଜିକ ଜୀବନର ବିବିଧ ରୂପ ଓ ସମସ୍ୟାକୁ ନାଟକ ଅଙ୍ଗୀଭୂତ କରିଛି । ଓଡ଼ିଆ ନାଟକର ଏହି ବିବର୍ତ୍ତନଧାରା ଶଂସିତ ପାଠ୍ୟପତ୍ରରେ ଛାତ୍ରଛାତ୍ରୀ ଉପଲବ୍ଧି କରିପାରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଏହି ଏକକର ପ୍ରଥମ ଓଡ଼ିଆ ନାଟକ ବାବାଜୀ ସମ୍ପର୍କରେ ଅଥବା ଗୋପାଳ ଛୋଟରାୟଙ୍କ ବିଶିଷ୍ଟ ରାଜନୀତିକ ନାଟକ ପରକଲମର ବାର୍ତ୍ତା ଉପରେ ଅବଗତ ହୋଇପାରିବେ ।

**୨ୟ ଏକକ :** ମନୋରଞ୍ଜନଙ୍କ ଅପରାଧପ୍ରବଣ ନାଟକ ସାଗରମନ୍ଥନ ଅଥବା କାର୍ତ୍ତିକ ରଥଙ୍କ ଈଶ୍ୱର ଜଣେ ଯୁବକ ପରି ନାଟକର ପ୍ରଭାବଶାଳୀ କଥାବସ୍ତୁ ଓ ଆଭିମୁଖ୍ୟ ସମ୍ପର୍କରେ ଏହି ଏକକରେ ଜାଣିବାର ସୁଯୋଗ ରହିଛି ।

**୩ୟ ଏକକ :** ଆମ ସମୟର ଦୁଇଜଣ ବିଶିଷ୍ଟ ନାଟ୍ୟକାର ନାରାୟଣ ସାହୁ ଓ ବିଜୟ ଶତପଥୀଙ୍କ ଯଥାକ୍ରମେ ରାଜରାଣୀ ଉପାଖ୍ୟାନ ଓ କୋକୁଆ ନାଟକ ସାମ୍ପ୍ରତିକ ଓଡ଼ିଆ ନାଟକର ଗୁଣାତ୍ମକ ମୂଲ୍ୟ ଓ ଉପସ୍ଥାପନ କୌଶଳକୁ ଚିହ୍ନଟ କରିବ ।

**୪ର୍ଥ ଏକକ :** ଛାତ୍ରଛାତ୍ରୀମାନେ ରତ୍ନାକର ଚଇନି ଓ ସୁରେନ୍ ମହାନ୍ତିଙ୍କ ଦୁଇଟି ବଳିଷ୍ଠ ଏକାଙ୍କିକା ଅଥବା ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ପ୍ରସିଦ୍ଧ ଭୁଖା ନାଟକର ମର୍ମବାଣୀ ଜାଣିବାର ସୁଯୋଗ ଏହି ଏକକରେ ରହିଛି ।

# ପାଠ୍ୟ ବିଷୟ

**୧ମ ଏକକ :** ବାବାଜୀ -ଜଗନ୍ମୋହନ ଲାଲ୍ **କିମ୍ବା** ପରକଲମ – ଗୋପାଳ ଛୋଟରାୟ

**୨ୟ ଏକକ :** ସାଗରମନ୍ଥନ - ମନୋରଞ୍ଜନ ଦାସ **କିମ୍ବା** ଈଶ୍ୱର ଜଣେ ଯୁବକ – କାର୍ତ୍ତିକ ଚନ୍ଦ୍ର ରଥ

**୩ୟ ଏକକ :** ରାଜରାଣୀ ଉପାଖ୍ୟାନ – ନାରାୟଣ ସାହୁ **କିମ୍ବା** କୋକୁଆ – ବିଜୟ ଶତପଥୀ

**୪ର୍ଥ ଏକକ :** ଏକାଂକିକା-

ପାହାଡ଼ର ଆତ୍ମକଥା- ସୁରେନ୍ ମହାନ୍ତି ଏବଂ ଅନ୍ୟ ଏକ ଶ୍ରବଣକୁମାର - ରତ୍ନାକର ଚଇନି

କିମ୍ବା

ଭୁଖା - ମଙ୍ଗଳୁଚରଣ ବିଶ୍ୱାଳ

**ସହାୟକ ଗ୍ରନ୍ଥସୂଚୀ (Books of Reference ):**

୧. ଓଡ଼ିଆ ନାଟକର ଇତିହାସ – ନୀଳାଦ୍ରି ଭୂଷଣ ହରିଚନ୍ଦନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ – ରତ୍ନାକର ଚଇନି, ବୁକ୍ସ ଏଣ୍ଡ ବୁକ୍ସ, କଟକ ।

୩. ଓଡ଼ିଆ ନାଟକର ବିକାଶଧାରା (୧ମ,୨ୟ.୩ୟ ଓ ୪ର୍ଥ ଖଣ୍ଡ) - ହେମନ୍ତ କୁମାର ଦାସ, ସାଥୀ ମହଲ, କଟକ ।

୪. ବିବର୍ତ୍ତିତ ଓଡ଼ିଆ ନାଟ୍ୟଧାରା ଓ ନାଟ୍ୟକାର ରତ୍ନାକର ଚଇନି – ରଶ୍ମିତା ତ୍ରିପାଠୀ, ସୃଜନ ଚକାଡୋଳା ଧାମ, ଭୁବନେଶ୍ୱର ।

୫. ମନୋରଞ୍ଜନ ଦାସଙ୍କ ନାଟ୍ୟ ଦିଗନ୍ତ – ସଂ. ନାରାୟଣ ସାହୁ, ନାଳନ୍ଦା, କଟକ-୧୯୯୨ ।

**ପାଠ୍ୟପୁସ୍ତକ( Text Books) :**

୧. ବାବାଜୀ- ଜଗନ୍ମୋହନ ଲାଲ
୨. ସାଗରମନ୍ଥନ – ମନୋରଂଜନ ଦାସ
୩. ଭୁଖା- ମଙ୍ଗଳୁଚରଣ ବିଶ୍ୱାଳ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ
୪. ଈଶ୍ୱର ଜଣେ ଯୁବକ- କାର୍ତିକଚନ୍ଦ୍ର ରଥ, ଓଡ଼ିଶା ବୁକ୍ ଷ୍ଟୋର, କଟକ
୫. ପରକଲମ- ଗୋପାଳ ଛୋଟରାୟ
୬. କୋକୁଆ- ବିଜୟ କୁମାର ଶତପଥୀ, ଅଗ୍ରଦୂତ, କଟକ
୭. ରାଜରାଣୀ ଉପାଖ୍ୟାନ- ନାରାୟଣ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ
୮. ପାହାଡର ଆତ୍ମକଥା - ସୁରେନ୍ ମହାନ୍ତି
୯. ଅନ୍ୟ ଏକ ଶ୍ରବଣ କୁମାର – ରତ୍ନାକର ଚଇନି

**ନମୂନା ପ୍ରଶ୍ନ (sample Questions):**

୧.ସାଗର ମନ୍ଥନ ନାଟକଟି କେଉଁ ବିଶିଷ୍ଟ ଇଂରାଜୀ ନାଟକର ଛାୟାରେ ଲିଖିତ ? (୧ ମାର୍କ)

୨.ନାରାୟଣ ସାହୁଙ୍କ ଦୁଇଟି ବେତାର ନାଟକର ନାମ ଲେଖ । (୨ ମାର୍କ)

୩. ଜଗନ୍ମୋହନ ଲାଲଙ୍କ ପଠିତ ନାଟକରୁ ବାବାଜୀ ଚରିତ୍ରର ବିଶେଷତ୍ୱ ଦର୍ଶାଅ । (୫ ମାର୍କ)

୪. ପରକଲମ ଏକ ବଳିଷ୍ଠ ରାଜନୀତିକ ନାଟକ – ଆଲୋଚନା କର । (୮ ମାର୍କ)

## Core X ଚତୁର୍ଥ ପର୍ଯ୍ୟାୟ (Semester-IV)

# ଓଡ଼ିଆ କଥାସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

କଥାସମ୍ରାଟ ଫକୀରମୋହନଙ୍କଠାରୁ ଆରମ୍ଭକରି ରାମଚନ୍ଦ୍ର ବେହେରାଙ୍କ ପର୍ଯ୍ୟନ୍ତ ଓଡ଼ିଆ କଥାସାହିତ୍ୟର ବୈଭବମୟ ବିକାଶ ସହିତ ବିଭିନ୍ନ ମୋଡ଼ଦେଇ ଆମର ଗଳ୍ପ ଓ ଉପନ୍ୟାସ କିପରି ଗତିକରି ଆସିଛି, ତାହା ଏହି ପାଠ୍ୟପତ୍ରରୁ ଉପଲବ୍ଧ ହେବ । କେତେଜଣ ପ୍ରତିନିଧିଶ୍ରେଣୀୟ ଲେଖକଙ୍କ ରଚନାକୁ ଏହି ପତ୍ରରେ ଅଧ୍ୟୟନ କରି ଛାତ୍ରଛାତ୍ରୀ ଓଡ଼ିଆ ଗଳ୍ପ ଓ ଉପନ୍ୟାସ ସାହିତ୍ୟ ସମ୍ପର୍କରେ ଧାରଣା ଲାଭକରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଫକୀରମୋହନଙ୍କ 'ଲଛମା' ଏକ ସ୍ମରଣୀୟ ଐତିହାସିକ ଉପନ୍ୟାସ । ଓଡ଼ିଶାରେ ବର୍ଗୀ ଅତ୍ୟାଚାରର ବିଷୟ ଏଥିରେ ସମନ୍ୱିତ । ସେହିପରି କାଳିନ୍ଦୀ ଚରଣଙ୍କ 'ଆଜିର ମଣିଷ' ଉପନ୍ୟାସରେ ଭାରତ ସ୍ୱାଧୀନତାକାଳୀନ ବିବିଧ ଘଟଣାବଳୀର ପ୍ରତିବିମ୍ବ କିପରି ଉଭାସିତ, ତାହା ଛାତ୍ରଛାତ୍ରୀ ଅଧ୍ୟୟନ ମାଧ୍ୟମରେ ଜାଣିପାରିବେ ।

**୨ୟ ଏକକ :** ଗୋପୀନାଥ ମହାନ୍ତିଙ୍କ 'ଦାଦିବୁଢ଼ା' ହେଉ ବା ସୁରେନ୍ଦ୍ର ମହାନ୍ତିଙ୍କର 'କାଳାନ୍ତର', ଉଭୟରେ ଯଥାକ୍ରମେ ଓଡ଼ିଶାର ଆଦିବାସୀ ଜନଜୀବନ ଓ ପ୍ରାକୃତିକ ବିପର୍ଯ୍ୟୟର ସଂକେତ ନିହିତ । ଆମ ଉପନ୍ୟାସ ସାହିତ୍ୟରେ ସାମାଜିକ ବାସ୍ତବତାର ଲକ୍ଷଣକୁ ଛାତ୍ରଛାତ୍ରୀ ଅବଶ୍ୟ ଅଧ୍ୟୟନ ମାଧ୍ୟମରେ ଜାଣିପାରିବେ ।

**୩ୟ ଏକକ :** ରେବତୀ, ଏବେ ମଧ୍ୟ ବଞ୍ଚିଛି, ଶିକାର ଓ ଡିମିରିଫୁଲ ଓଡ଼ିଆ ସାହିତ୍ୟର ଚାରିଗୋଟି ଲୋକପ୍ରିୟ ଗଳ୍ପ । ଏଥିରୁ ଶିକ୍ଷାବ୍ୟବସ୍ଥା, ଦେଶପ୍ରେମ ଓ ଓଡ଼ିଆ ଜାତିର ସ୍ୱାଭିମାନ ସହିତ ମାର୍କ୍ସବାଦୀ ଚେତନା ଓ ମାନବୀୟ ମନସ୍ତତ୍ତ୍ୱର ନିଖୁଣ ଚିତ୍ର ଛାତ୍ରଛାତ୍ରୀ ଅବଗତ ହୋଇପାରିବେ ।

**୪ର୍ଥ ଏକକ :** ରଚନାର ପରିମାଣ ଓ ଗୁଣବତ୍ତା ଦୃଷ୍ଟିରୁ ମନୋଜ ଦାସ, ଶାନ୍ତନୁ ଆଚାର୍ଯ୍ୟ, ବୀଣାପାଣି ମହାନ୍ତି ଓ ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ସେମାନଙ୍କର ଏକ ଏକ ଗଳ୍ପ ପଠନଦ୍ୱାରା ଶିକ୍ଷାର୍ଥୀମାନେ ଓଡ଼ିଆ ଗଳ୍ପ ସାହିତ୍ୟର ସାମଗ୍ରିକ ମୂଲ୍ୟବୋଧକୁ ଆକଳନ କରି ପାରିବେ ।

# ପାଠ୍ୟ ବିଷୟ

**୧ମ ଏକକ :** ଲଛମା – ଫକୀର ମୋହନ ସେନାପତି **କିମ୍ବା** ଆଜିର ମଣିଷ - କାଳିନ୍ଦୀ ଚରଣ ପାଣିଗ୍ରାହୀ

**୨ୟ ଏକକ** : ଦାଦିବୁଢ଼ା - ଗୋପୀନାଥ ମହାନ୍ତି **କିମ୍ବା** କାଳାନ୍ତର- ସୁରେନ୍ଦ୍ର ମହାନ୍ତି

**୩ୟ ଏକକ :** ରେବତୀ –ଫକୀରମୋହନ ସେନାପତି, ଏବେ ମଧ୍ୟ ବଂଚିଛି–ଗୋଦାବରୀଶ ମହାପାତ୍ର,
ଶିକାର - ଭଗବତୀ ଚରଣ ପାଣିଗ୍ରାହୀ, ଡିମିରି ଫୁଲ- ଅଖିଳ ମୋହନ ପଟ୍ଟନାୟକ

**୪ର୍ଥ ଏକକ :** କ) ସୁନା ମେଡାଲ - ମନୋଜ ଦାସ

ଖ) କଳାପର୍ଦ୍ଦାର ଆରପଟେ- ଶାନ୍ତନୁ କୁମାର ଆଚାର୍ଯ୍ୟ

ଗ) ପାଟଦେଈ- ବୀଣାପାଣି ମହାନ୍ତି

ଘ) ଗୋପପୁର- ରାମଚନ୍ଦ୍ର ବେହେରା

**ସହାୟକ ଗ୍ରନ୍ଥସୂଚୀ (Book of reference):**

୧. ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ – ପଠାଣି ପଟ୍ଟନାୟକ, ଓଡ଼ିଶା ବୁକ୍ ଷ୍ଟୋର, କଟକ ।

୨. କଥାଶିଳ୍ପୀ ମନୋଜ ଦାସ - ଶତ୍ରୁଘ୍ନ ପାଣ୍ଡବ-ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ଓଡ଼ିଆ ଗଳ୍ପର ଗତି ଓ ପ୍ରକୃତି – ବୈଷ୍ଣବ ଚରଣ ସାମଲ – ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ଶହେ ପଚିଶ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ : ଏକ ତାତ୍ତ୍ୱିକ ବିଶ୍ଳେଷଣ –ଡକ୍ଟର କବିତା ବାରିକ, ବିଦ୍ୟାପୁରୀ, କଟକ ।

୫. ଗୋପୀନାଥ ମହାନ୍ତିଙ୍କ କଥା ସାହିତ୍ୟର ବ୍ୟାପ୍ତି ଓ ଦୀପ୍ତି - ସଂ. ବିଜୟ କୁମାର ଶତପଥୀ, ଲିପି ହେମ୍ବ୍ରମ୍, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

୬. ଗୋପୀନାଥ ମହାନ୍ତି ସ୍ରଷ୍ଟା ମାନସ – ସାରଳା ସାହିତ୍ୟ ସଂସଦ, କଟକ ।

୭. ରାମଚନ୍ଦ୍ର ବେହେରାଙ୍କ କଥାସାହିତ୍ୟରେ ସ୍ଥାପତ୍ୟ ଓ ବୈଚିତ୍ର୍ୟ - ଗିରୀଶ ଚନ୍ଦ୍ର ସାହୁ, ବିଦ୍ୟାପୁରୀ, କଟକ ।

୮. ସାହିତ୍ୟସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ- ସଂ. ବାଉରୀବନ୍ଧୁ କର, ଗ୍ରନ୍ଥମନ୍ଦିର, କଟକ ।

**ପାଠ୍ୟପୁସ୍ତକ( Text Books):**

୧. ଦାଦିବୁଢ଼ା - ଗୋପୀନାଥ ମହାନ୍ତି,

୨. ଗୋପପୁର -ରାମଚନ୍ଦ୍ର ବେହେରା

୩. ମନୋଜ ପଂଚବିଂଶତି - ମନୋଜ ଦାସ

୪. କଳାପର୍ଦ୍ଦାର ଆରପଟେ - ଶାନ୍ତନୁ କୁମାର ଆଚାର୍ଯ୍ୟ

୫. ଆଜିର ମଣିଷ - କାଳିନ୍ଦୀ ଚରଣ ପାଣିଗ୍ରାହୀ

୬. କାଳାନ୍ତର - ସୁରେନ୍ଦ୍ର ମହାନ୍ତି

୭. ଲଛମା - ଫକୀରମୋହନ ସେନାପତି

**ନମୁନା ପ୍ରଶ୍ନ** (Sample Questions):

୧. ଲଛମା ଉପନ୍ୟାସଟି କେଉଁ ମସିହାରେ ପ୍ରକାଶିତ ? (୧ ମାର୍କ)

୨. ସୁରେନ୍ଦ୍ର ମହାନ୍ତିଙ୍କ ଦୁଇଟି ଐତିହାସିକ ଉପନ୍ୟାସର ନାମ ଲେଖ । (୨ ମାର୍କ)

୩. ଏବେ ମଧ ବଞ୍ଚିଛି ଗଳ୍ପରେ ଓଡ଼ିଆ ଜାତିର ସ୍ୱାଭିମାନ କିପରି ଫୁଟିଉଠିଛି ଦର୍ଶାଅ ? (୫ ମାର୍କ)

୪. ନାରୀ ନିର୍ଯ୍ୟାତନାର ପୃଷ୍ଠଭୂମିରେ ରଚିତ ପାଟଦେଈ ଗଳ୍ପର ସାହିତ୍ୟିକ ମୂଲ୍ୟ ନିର୍ଦ୍ଧାରଣ କର । (୮ ମାର୍କ)

## Core XI ପଞ୍ଚମ ପର୍ଯ୍ୟାୟ (Semester-V)

# ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ପ୍ରବନ୍ଧ, ରମ୍ୟରଚନା ଆଦି ଓଡ଼ିଆ ଗଦ୍ୟସାହିତ୍ୟର ବିଭିନ୍ନ ରୂପକୁ ଚିହ୍ନିବା ପାଇଁ ଏହି ପତ୍ରଟି ପରିକଳ୍ପିତ । ଛାତ୍ରଛାତ୍ରୀମାନେ ବିଭିନ୍ନ ରୂପର ଗଦ୍ୟସାହିତ୍ୟର ବିବିଧ ରଚନା ଅଧ୍ୟୟନକଲେ ଓଡ଼ିଆ ଗଦ୍ୟର ସମୃଦ୍ଧ ଧାରାକୁ ଉପଲବ୍ଧି କରିପାରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଏହି ଏକକରେ ଓଡ଼ିଆ ସାହିତ୍ୟର ଗୋଟିଏ ପ୍ରସିଦ୍ଧ ଆତ୍ମଜୀବନୀ ଅଥବା ଏକ ବିଶିଷ୍ଟ ଜୀବନୀର କିୟଦଂଶ ଅଧ୍ୟୟନ କରିବାର ସୁଯୋଗ ରହିଛି । 'ମୋ ସମୟର ଓଡ଼ିଶା' ରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଜୀବନକଥା ସହିତ ସମକାଳୀନ ଓଡ଼ିଶାର ପ୍ରାଣସ୍ପନ୍ଦନ ତଥା 'ଗାନ୍ଧୀ ମଣିଷ' ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୀବନର ବାର୍ତ୍ତା ଛାତ୍ରଛାତ୍ରୀଙ୍କ ପାଖକୁ ପହଞ୍ଚିପାରିବ ।

**୨ୟ ଏକକ :** ଓଡ଼ିଆ ଭ୍ରମଣକାହାଣୀର ବିଦେଶାନୁଭୂତିକୁ 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି' ଅଥବା 'ଆମେରିକା ଅନୁଭୂତି ' ଭ୍ରମଣ କାହାଣୀ ମାଧ୍ୟମରେ ଜାଣିବାର ଅବକାଶ ରହିଛି ଏହି ଏକକରେ ।

**୩ୟ ଏକକ :** ଓଡ଼ିଆ ଗଦ୍ୟ ସାହିତ୍ୟରେ ରମ୍ୟରଚନାର ସ୍ଥାନ ସ୍ୱତନ୍ତ୍ର । ଗୋପାଳଚନ୍ଦ୍ର ପ୍ରହରାଜ ଓ ନିତ୍ୟାନନ୍ଦ ମହାପାତ୍ର ଦୁଇଜଣ ରମ୍ୟରଚନାର ରଚୟିତା । ତାଙ୍କର ଏକ ଏକ ସ୍ମରଣୀୟ ରମ୍ୟରଚନାର କିୟଦଂଶ ପାଠକରି ଛାତ୍ରଛାତ୍ରୀ ଓଡ଼ିଆ ରମ୍ୟରଚନାର ସ୍ୱରୂପ ଅବଶ୍ୟ ଉପଲବ୍ଧି କରିପାରିବେ ।

**୪ର୍ଥ ଏକକ :** ଓଡ଼ିଆ ପ୍ରବନ୍ଧ ସାହିତ୍ୟ ସମ୍ପର୍କରେ ବିଶେଷ ଧାରଣା ସୃଷ୍ଟି କରିବାପାଇଁ 'ଆର୍ଯ୍ୟ ଜୀବନ,' 'ମଧୁସନ୍ଧାନ ' ଏବଂ 'ଭଗବାନ ଓ ଓଡ଼ିଆ ଜାତି' ପ୍ରବନ୍ଧ ଉପଯୋଗୀ ହେବ ।

# ପାଠ୍ୟ ବିଷୟ

**୧ମ ଏକକ :** ମୋ ସମୟର ଓଡ଼ିଶା ( ପ୍ରଥମ ଛଅଟି ପରିଚ୍ଛେଦ- ୮୬ ପୃଷ୍ଠା ପର୍ଯ୍ୟନ୍ତ)—କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

**କିମ୍ବା** ଗାନ୍ଧୀ ମଣିଷ (ପ୍ରଥମ ଦଶଟି ପରିଚ୍ଛେଦ, ୫୫ ପୃଷ୍ଠା ପର୍ଯ୍ୟନ୍ତ)- ଶରତ କୁମାର ମହାନ୍ତି

**୨ୟ ଏକକ :** ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି- ଭୁବନେଶ୍ୱର ବେହେରା (ଭ୍ରମଣକାହାଣୀ)

**କିମ୍ବା** ଆମେରିକା ଅନୁଭୂତି - ଗୋଲୋକ ବିହାରୀ ଧଳ (ଭ୍ରମଣକାହାଣୀ)

**୩ୟ ଏକକ** : ଭାଗବତ ଟୁଙ୍ଗୀରେ ସନ୍ଧ୍ୟା (ପ୍ରଥମ ଚାରୋଟି ସନ୍ଧ୍ୟା)- ଗୋପାଳ ଚନ୍ଦ୍ର ପ୍ରହରାଜ

**କିମ୍ବା** ପତ୍ର ଓ ପ୍ରତିମା (ପ୍ରଥମ ଚାରୋଟି ରଚନା)- ନିତ୍ୟାନନ୍ଦ ମହାପାତ୍ର

**୪ର୍ଥ ଏକକ** : ପ୍ରବନ୍ଧ ସାହିତ୍ୟ – କ) ଆର୍ଯ୍ୟଜୀବନ – ନୀଳକଣ୍ଠ ଦାସ

ଖ) ମଧୁସଂଧାନ – ଚନ୍ଦ୍ରଶେଖର ରଥ

ଗ ) ଭଗବାନ ଓ ଓଡ଼ିଆ ଜାତି - ଚିତ୍ତ ରଞ୍ଜନ ଦାସ

**ସହାୟକ ଗ୍ରନ୍ଥସୂଚୀ (Book of reference):**

୧. ଜୀବନୀ ସାହିତ୍ୟ ଏକ ଅଧ୍ୟୟନ – ପଠାଣି ପଟ୍ଟନାୟକ, ଓଡ଼ିଶା ପା.ପୁ.ପ୍ର ଓ ପ୍ରକାଶନ ସଂ, ଭୁବନେଶ୍ୱର ।

୨. ସମାଲୋଚନାର ଦିଗଦିଗନ୍ତ- ଖଗେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସାହିତ୍ୟ ଓ ସମାଲୋଚନା – କୁଞ୍ଜବିହାରୀ ଦାଶ, ଓଡ଼ିଶା ବୁକ୍ ଷ୍ଟୋର୍, କଟକ ।

୪. ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ – ଅସିତ୍ କବି, ଗ୍ରନ୍ଥ ମନ୍ଦିର, କଟକ ।

୫. ଓଡ଼ିଆ ଆତ୍ମଜୀବନୀ ସମୀକ୍ଷଣ- ଅଜାମ୍ବର ମଲ୍ଲ- ବିଜୟିନୀ ପବ୍ଲିକେଶନ୍ସ, କଟକ ।

୬. ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଦୁଷ୍ପ୍ରାପ୍ୟ ରଚନାବଳୀ- କଇଳାଶ ପଟ୍ଟନାୟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

**ପାଠ୍ୟପୁସ୍ତକ( Text Books):**

୧. ମୋ ସମୟର ଓଡ଼ିଶା- କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କିତାବ ମହଲ, କଟକ ।

୨. ଗାନ୍ଧୀ ମଣିଷ- ଶରତ କୁମାର ମହାନ୍ତି, ମିତାବୁକ୍ସ, କଟକ ।

୩. ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି – ଭୁବନେଶ୍ୱର ବେହେରା, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ ।

୪. ଆମେରିକା ଅନୁଭୂତି- ଗୋଲୋକ ବିହାରୀ ଧଳ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ପତ୍ର ଓ ପ୍ରତିମା- ନିତ୍ୟାନନ୍ଦ ମହାପାତ୍ର –ପୋଥିପୀଠ, ପିଠାପୁର, କଟକ ।

**ନମୁନା ପ୍ରଶ୍ନ (Sample Questions):**

୧.'ମୋ ସମୟର ଓଡ଼ିଶା' ଆତ୍ମଜୀବନୀରେ କେତେ ଗୋଟି ପରିଚ୍ଛେଦ ରହିଛି ? (୧ ମାର୍କ)

୨. ଆମେରିକା ଅନୁଭୂତି ଓ ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି ଭ୍ରମଣ କାହାଣୀ ଦ୍ୱୟର ରଚନାକାଳ ଲେଖ । (୨ ମାର୍କ)

୩. ଭାଗବତ ଟୁଙ୍ଗୀରେ ସନ୍ଧ୍ୟାର ମର୍ମବାଣୀ ଉଲ୍ଲେଖ କର । (୫ ମାର୍କ)

୪. ସଂକୀର୍ଣ୍ଣତା ନୁହେଁ, ଉଦାରତା ହିଁ ପ୍ରକୃତ ଧର୍ମୀୟ ଆଭିମୁଖ୍ୟ ହେବା ଆବଶ୍ୟକ - ଭଗବାନ ଓ ଓଡ଼ିଆ ଜାତି ପ୍ରବନ୍ଧରୁ ଏହାର ଯଥାର୍ଥତା ପ୍ରତିପାଦନ କର । (୮ ମାର୍କ)

## Core XII ପଞ୍ଚମ ପର୍ଯ୍ୟାୟ (Semester-V)

## ଓଡ଼ିଆ ଲୋକସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଲୋକସାହିତ୍ୟ ହିଁ ବିଦଗ୍ଧ ସାହିତ୍ୟର ଜନନୀ । ଓଡ଼ିଶାର ଲୋକସାହିତ୍ୟ ବହୁମୁଖୀ ଓ ବିଭବଶାଳୀ । ଏଥିରେ ଲୋକ ଜୀବନର ପ୍ରାଣବାଣୀ ପ୍ରସ୍ଫୁଟିତ । ଏହି ପତ୍ର ଅଧ୍ୟୟନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ତାହା ଅବଗତ ହୋଇପାରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଓଡ଼ିଶାରେ ପ୍ରଚଳିତ ପ୍ରବାଦ ଓ ପ୍ରବଚନ, ଢଗଢମାଳି, ଛଟା ଆଦିର ତାତ୍ତ୍ୱିକ ଦିଗ ଓ ତା'ର ପ୍ରାୟୋଗିକ ମୂଲ୍ୟ ଏହି ଏକକରୁ ଉପଲବ୍ଧ ହେବ ।

**୨ୟ ଏକକ :** ଓଡ଼ିଆ ଲୋକଗୀତର ସ୍ୱରୂପ, ରୂପଭେଦ ଓ ପ୍ରାଚୁର୍ଯ୍ୟ ବିଷୟରେ ଅବଗତ ହେବାପାଇଁ ଏହି ଏକକ ସହାୟକ ହେବ ।

**୩ୟ ଏକକ :** ଓଡ଼ିଆ ଲୋକକାହାଣୀର ଧାରା ଯେପରି ପ୍ରାଚୀନ ସେହିପରି ମନୋଜ୍ଞ । ଏହି ଏକକରେ ଲୋକକାହାଣୀର ବିବିଧତା ଓ ମହତ୍ତ୍ୱ ଉପଲବ୍ଧ ହେବ ।

**୪ର୍ଥ ଏକକ :** ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ଲୋକନାଟକ ପ୍ରଚଳିତ । ଲୋକନାଟକର ସଂଜ୍ଞା ସ୍ୱରୂପ ସହ ଓଡ଼ିଆ ଲୋକନାଟକ ବିଷୟରେ ଜାଣିବା ପାଇଁ ଏହି ଏକକର ପାଠ୍ୟ ଖସଡ଼ା ସୁଯୋଗ ସୃଷ୍ଟି କରିବ ।

## ପାଠ୍ୟ ବିଷୟ

**୧ମ ଏକକ :** ଓଡ଼ିଆ ଲୋକବାଣୀର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ
(ପ୍ରବାଦ, ପ୍ରବଚନ, ଛଟା, ଢଗଢମାଳି, ନାଁଦିଆ)

**୨ୟ ଏକକ :** ଓଡ଼ିଆ ଲୋକଗୀତର ସଂଜ୍ଞା, ସ୍ୱରୂପ, ପ୍ରକାରଭେଦ ଓ ବିଭିନ୍ନ ଦିଗ

**୩ୟ ଏକକ :** ଓଡ଼ିଆ ଲୋକକାହାଣୀର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

**୪ର୍ଥ ଏକକ :** ଓଡ଼ିଆ ଲୋକନାଟକର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ (ପାଲା, ଦାସକାଠିଆ, ପ୍ରହ୍ଲାଦନାଟକ, ଦଣ୍ଡନାଚ, ଛଉନାଚ, ଲୀଳା, ଡାଲଖାଇ, କରମା)

**ସହାୟକ ଗ୍ରନ୍ଥସୂଚୀ(Book of reference) :**


୧. ଓଡ଼ିଆ ଲୋକଗୀତ ଓ କାହାଣୀ : କୁଞ୍ଜବିହାରୀ ଦାଶ, ବିଶ୍ୱଭାରତୀ ଗବେଷଣା ପ୍ରକାଶନ, ଶାନ୍ତିନିକେତନ ।
୨. ଲୋକଧାରା, ଲୋକସଂସ୍କୃତି ଓ ଲୋକସାହିତ୍ୟ–କୁମୁଦ ରଞ୍ଜନ ପାଣିଗ୍ରାହୀ, ସୁଖଦୁଃଖ ପବ୍ଲିକେଶନ୍ସ, ସମ୍ବଲପୁର ।
୩. ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି – କୃଷ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟାପୁରୀ, କଟକ ।
୪. ଲୋକସାହିତ୍ୟ ତତ୍ତ୍ୱ – ଶ୍ୟାମସୁନ୍ଦର ମହାପାତ୍ର, ଓଡ଼ିଆ ବୁକ୍ ଷ୍ଟୋର, କଟକ ।
୫. ଲୋକସଂସ୍କୃତି ଓ ଲୋକସାହିତ୍ୟ – ନାରାୟଣ ସାହୁ, ବିଜୟ ପ୍ରକାଶନ, କଟକ ।
୬. ଓଡ଼ିଶାର ଦଣ୍ଡନାଟ – ସନ୍ତୋଷ କୁମାର ଶତପଥୀ, କେଦାର ପ୍ରିଣ୍ଟିଂ ପ୍ରେସ୍, ଭୁବନେଶ୍ୱର ।
୭. ଓଡ଼ିଆ ଲୋକନାଟକ – କଲଚୁରାଲ ଏକାଡ଼େମୀ, ରାଉରକେଲା ।
୮. ଓଡ଼ିଆ ଲୋକନାଟକ – ହେମନ୍ତ କୁମାର ଦାସ, ଗ୍ରନ୍ଥମନ୍ଦିର, କଟକ ।
୯. ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି – ଅଜୟ କୁମାର ମିଶ୍ର, ବିଜୟିନୀ ପବ୍ଲିକେଶନସ୍ ।
୧୦. ଓଡ଼ିଆ ଲୋକନାଟ୍ୟ ପରମ୍ପରା ଓ ପ୍ରହ୍ଲାଦ ନାଟକ– ଶାନ୍ତନୁ ରଥ, ଓଡ଼ିଶା ବୁକ୍ ଷ୍ଟୋର, କଟକ ।
୧୧. ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ - ସଂ. ଦ୍ୱାରିକାନାଥ ନାୟକ, ବିଶ୍ୱ ବୁକ୍ସ/ଓଡ଼ିଶା ବୁକ୍ ଷ୍ଟୋର, କଟକ ।


**ନମୁନା ପ୍ରଶ୍ନ(Sample Questions):**

୧. ଓଡ଼ିଆ ଲୋକଗୀତ ଓ କାହାଣୀ ପୁସ୍ତକର ରଚୟିତା କିଏ ? (୧ ମାର୍କ)

୨. ଓଡ଼ିଆ କାନ୍ଦଣା ଗୀତର ଦୁଇଗୋଟି ଲକ୍ଷଣ ଲେଖ । (୨ ମାର୍କ)

୩. ଓଡ଼ିଆ ଲୋକକାହାଣୀର ଆରମ୍ଭ ଓ ଉପସଂହାର କିପରି ହୋଇଥାଏ, ଦର୍ଶାଅ । (୫ ମାର୍କ)

୪. ଦକ୍ଷିଣ ଓଡ଼ିଶାର ପ୍ରହ୍ଲାଦନାଟକ ଉପରେ ଆଲୋଚନାକର । (୮ ମାର୍କ)

**Core XIII** **ପଞ୍ଚମ ପର୍ଯ୍ୟାୟ (Semester-V)**

# ଓଡ଼ିଆ ଭାଷା ଓ ଲିପିର ଐତିହାସିକ ବିବର୍ତ୍ତନ

**Course Outcome (ପାଠ୍ୟକ୍ରମ ଫଳଶ୍ରୁତି):**

ଓଡ଼ିଆ ଭାଷା ଓ ଲିପିର ଉନ୍ମେଷ ଏବଂ ବିକାଶ ପ୍ରସଙ୍ଗ ଅବଗତହେବା ପାଇଁ ଶଂସିତ ପାଠ୍ୟପତ୍ରଟି ଉଦ୍ଦିଷ୍ଟ । ମୌଖିକ ସ୍ତରରୁ ଭାଷା ଲିଖିତ ସ୍ତରକୁ ଉନ୍ନୀତହେବା ପାଇଁ ଲୋଡ଼ାହୁଏ ଲିପି । ଓଡ଼ିଆ ଏକ ସମ୍ବିଧାନ ସ୍ୱୀକୃତ ଶାସ୍ତ୍ରୀୟ ଭାଷା । ତାହାର ଉଦ୍ଭବ ସହିତ ବିକାଶପର୍ବ ଓ ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନଧାରା ସମ୍ବନ୍ଧରେ ଛାତ୍ରଛାତ୍ରୀ ଅବଗତହେବାର ସୁଯୋଗ ଏଠାରେ ରହିଛି ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ପୃଥିବୀର ଭାଷା ପରିବାର ମଧ୍ୟରୁ କିପରି ଓଡ଼ିଆ ଭାଷାର ଉନ୍ମେଷ ଘଟିଛି ଏବଂ କାଳକ୍ରମେ ବିକାଶ ଲାଭ କରିଛି, ଶିକ୍ଷାର୍ଥୀମାନେ ତାହା ଏଠାରେ ଉପଲବ୍ଧି କରିପାରିବେ ।

**୨ୟ ଏକକ :** ଭାରତୀୟ ଲିପି ତତ୍ତ୍ୱ ସହିତ ଓଡ଼ିଆ ଲିପିର ଉଦ୍ଭବ ଓ ବିବର୍ତ୍ତନ ଜାଣିବା ନିମିତ୍ତ ଏହି ଏକକଟି ସଂଯୋଜିତ ।

**୩ୟ ଏକକ :** ଓଡ଼ିଆ ଭାଷାର ସର୍ବପ୍ରାଚୀନ ଲିଖିତରୂପକୁ ଜାଣିବା ନିମିତ୍ତ ଓଡ଼ିଆ ଅଭିଲେଖକୁ ଅନୁଧ୍ୟାନକରିବା ଆବଶ୍ୟକ । ସୁତରାଂ ଏହି ଏକକରେ ଶିଳାଲେଖ, ତାମ୍ରଫଳକ ଓ ପ୍ରାଚୀନ ସନନ୍ଦଗୁଡ଼ିକ ଉପରେ ଚର୍ଚ୍ଚାର ଅବକାଶ ରହିଛି ।

**୪ର୍ଥ ଏକକ :** ସାହିତ୍ୟ-କଳା ଦୃଷ୍ଟିରୁ ଚର୍ଯ୍ୟାପଦ ହିଁ ଲିଖିତ ସାହିତ୍ୟର ଆଦିମତମ ରୂପ । ଏହି ଚର୍ଯ୍ୟାପଦ ଓ ସାରଳା ସାହିତ୍ୟର ଭାଷାଗତ ବିଶେଷତ୍ୱ ଛାତ୍ରଛାତ୍ରୀ ଏହି ଏକକରେ ଉପଲବ୍ଧି କରିବେ ।

## ପାଠ୍ୟ ବିଷୟ

**୧ମ ଏକକ :** ଓଡ଼ିଆ ଭାଷାର ଉଦ୍ଭବ ଓ ବିକାଶକ୍ରମ

**୨ୟ ଏକକ :** ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ

**୩ୟ ଏକକ :** ଓଡ଼ିଆ ଅଭିଲେଖର ଭାଷା (ଶିଳାଲେଖ, ତାମ୍ରଲେଖ, ପ୍ରାଚୀନ ସନନ୍ଦ)

**୪ର୍ଥ ଏକକ :** ଚର୍ଯ୍ୟାପଦ ଓ ସାରଳା ସାହିତ୍ୟର ଭାଷା

### ସହାୟକ ଗ୍ରନ୍ଥସୂଚୀ (Book of reference):

୧. ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ - ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଓଡ଼ିଆ ଲିପିର କ୍ରମ ବିକାଶ – ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ।

୩. ଓଡ଼ିଆ ଭାଷା ଓ ଲିପିର କ୍ରମବିକାଶ – କୁଞ୍ଜବିହାରୀ ତ୍ରିପାଠୀ, ଓ.ରା.ପା. ପୁ. ପ୍ର ଓ ପ୍ର.ସଂସ୍ଥା. ଭୁବନେଶ୍ୱର ।

୪. ଭାଷାତତ୍ତ୍ୱର ରୂପଚିତ୍ର - ନଟବର ଶତପଥୀ, ବିଜୟିନୀ ପବ୍ଲିକେଶନ, କଟକ ।

୫. ସାରଳା ମହାଭାରତର ଭାଷାତାତ୍ତ୍ୱିକ ଅନୁଶୀଳନ – ଧନେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୬. ପ୍ରାଚୀନ ଓଡ଼ିଆ ଗଦ୍ୟ : ସ୍ୱରୂପ ଓ ସମ୍ଭାର - ହରପ୍ରସାଦ ମିଶ୍ର, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ ।

୭. ଭିନ୍ନ ସମୟ ଭିନ୍ନଦୃଷ୍ଟି(ଜଗନ୍ନାଥ ମନ୍ଦିରର ଦୁଇଟି ଶିଳାଲେଖ) - ନୀଳାଦ୍ରି ଭୂଷଣ ହରିଚନ୍ଦନ, ଫ୍ରେଣ୍ଡସ୍ ପବ୍ଲିଶର୍ସ

୮. ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ - ବଂଶୀଧର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଓଡ଼ିଆ ଭାଷାର ଇତିହାସ- ବିନାୟକ ମିଶ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୧୦. ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ-ଉପେନ୍ଦ୍ର ପ୍ରସାଦ ଦଳାଇ, ଏ.କେ ମିଶ୍ର, କଟକ ।

**ନମୁନା ପ୍ରଶ୍ନ (Sample Questions) :**

୧. ପ୍ରଥମ ଓଡ଼ିଆ ଶିଳାଲେଖର ନାମ ଲେଖ । (୧ ମାର୍କ)

୨. ଓଡ଼ିଆ ଲିପି କେଉଁ ପ୍ରାଚୀନ ଲିପିର ବିବର୍ତ୍ତିତ ରୂପ ? (୨ ମାର୍କ)

୩. ଓଡ଼ିଆ ଶିଳାଲେଖର ଭାଷାଗତ ବିଶେଷତ୍ୱ ସୂଚାଅ । (୫ ମାର୍କ)

୪. ସାରଳା ସାହିତ୍ୟରୁ ପ୍ରାଚୀନ ଓଡ଼ିଆ ଭାଷାର ସ୍ୱରୂପ ଦର୍ଶାଅ । (୮ ମାର୍କ)

## Core XIV ଷଷ୍ଠ ପର୍ଯ୍ୟାୟ (Semester-VI)

# ଓଡ଼ିଆ ଭାଷା : ଧ୍ୱନିତତ୍ତ୍ୱ, ଶବ୍ଦ ସମ୍ଭାର, ଅନ୍ୟ ଭାଷାର ପ୍ରଭାବ ଓ ଶାସ୍ତ୍ରୀୟତା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଶାସ୍ତ୍ରୀୟ ଓଡ଼ିଆ ଭାଷାର ଶବ୍ଦଗତ ଓ ଧ୍ୱନି ତାତ୍ତ୍ୱିକ ଗୁରୁତ୍ୱ ଉପଲବ୍ଧି କରିବା ପାଇଁ ଏହି ପତ୍ରଟି ଗଠିତ । ସେହିପରି ତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ ଆଦି ଶବ୍ଦ ସମ୍ଭାରରେ ଓଡ଼ିଆ ଭାଷା କିପରି ପରିପୁଷ୍ଟ ଏବଂ ଅନ୍ୟ ଭାଷାର ପ୍ରଭାବରେ ଏହା କିପରି ଋଦ୍ଧିମନ୍ତ, ତାହା ଛାତ୍ରଛାତ୍ରୀମାନେ ଜାଣି ରଖିବା ଆବଶ୍ୟକ । ଭାଷାର ଶାସ୍ତ୍ରୀୟତା ପ୍ରସଙ୍ଗ ମଧ୍ୟ ଶିକ୍ଷାର୍ଥୀଙ୍କ ପାଇଁ ଉପଯୋଗୀ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଧ୍ୱନିର ସଂଜ୍ଞା ଓ ବର୍ଗୀକରଣ ସହିତ ଆମ ଭାଷାର ଧ୍ୱନିତତ୍ତ୍ୱ ଉପରେ ଶିକ୍ଷାର୍ଥୀ ଏଠାରେ ଜ୍ଞାନଲାଭ କରିପାରିବେ । ଭାଷାର ବିବିଧ ଶବ୍ଦ ସମ୍ଭାର ମଧ୍ୟ ଶିକ୍ଷାର୍ଥୀଙ୍କ ଜ୍ଞାତବ୍ୟ ବିଷୟ ।

**୨ୟ ଏକକ :** ମାନକ ଓଡ଼ିଆ ଭାଷା ସହିତ ଓଡ଼ିଶାରେ ତାହାର ଅନେକ ଆଞ୍ଚଳିକ ରୂପ ବିଷୟରେ ଏହି ଏକକ ଧାରଣା ପ୍ରଦାନ କରିବ ।

**୩ୟ ଏକକ :** ଓଡ଼ିଆ ଭାଷା ଉପରେ ଭିନ୍ନଭିନ୍ନ ଭାଷାର ପ୍ରଭାବ ସ୍ୱୀକାର୍ଯ୍ୟ । ତନ୍ମଧ୍ୟରୁ ଦ୍ରାବିଡ଼, ଯାବନିକ ଓ ଇଂରାଜୀ ଭାଷାର ପ୍ରଭାବ ସମ୍ପର୍କରେ ଏହି ଏକକରୁ ଛାତ୍ରଛାତ୍ରୀ ଅବଗତ ହେବେ ।

**୪ର୍ଥ ଏକକ :** ଭାରତର ୬ଷ୍ଠ ଶାସ୍ତ୍ରୀୟ ଭାଷା ରୂପେ ଓଡ଼ିଆ ଭାଷା ଗୌରବ ଅର୍ଜନ କରିଛି । ତାହାର ପ୍ରାଚୀନ ଐତିହ୍ୟ ଓ ଭାଷାଗତ ମର୍ଯ୍ୟାଦାକୁ ଅବଗତ ହେବା ସହିତ ତାର ଶାସ୍ତ୍ରୀୟ ମାନ୍ୟତା ବିଷୟରେ ଏହି ଏକକ ଛାତ୍ରଛାତ୍ରୀମାନଙ୍କୁ ପରିଚିତ କରାଇବ ।

## ପାଠ୍ୟ ବିଷୟ

**୧ମ ଏକକ :** କ) ଓଡ଼ିଆ ଧ୍ୱନିତତ୍ତ୍ୱ (ଧ୍ୱନିର ସଂଜ୍ଞା ଓ ବର୍ଗୀକରଣ)

ଖ) ଶବ୍ଦ ସମ୍ଭାର (ତତ୍ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ)

**୨ୟ ଏକକ :** ଓଡ଼ିଆ ଭାଷାର ଆଂଚଳିକ ରୂପ( ଉତ୍ତରାଞ୍ଚଳୀୟ, ଦକ୍ଷିଣାଞ୍ଚଳୀୟ ଓ ପଶ୍ଚିମାଞ୍ଚଳୀୟ )

**୩ୟ ଏକକ :** ଓଡ଼ିଆ ଭାଷା ଉପରେ ବିଭିନ୍ନ ଭାଷାର ପ୍ରଭାବ : ଦ୍ରାବିଡ଼, ଯାବନିକ ଓ ଇଂରାଜୀ

**୪ର୍ଥ ଏକକ :** ଓଡ଼ିଆ ଭାଷାର ଶାସ୍ତ୍ରୀୟତା

**ସହାୟକ ଗ୍ରନ୍ଥସୂଚୀ (Book of reference):**


୧. ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦସମ୍ଭାର – ଧନେଶ୍ୱର ମହାପାତ୍ର, କିତାବ ମହଲ, କଟକ ।

୨. ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ - ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ . କଟକ ।

୩. ଶାସ୍ତ୍ରୀୟ ଓଡ଼ିଆ ଭାଷା – କରୁଣାକର କର – ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

୪. ଓଡ଼ିଆ ଭାଷା ତତ୍ତ୍ୱ- ଦମୟନ୍ତୀ ବେଶ୍ରା, କିତାବ ଭବନ, ଭୁବନେଶ୍ୱର ।

୫. ଓଡ଼ିଆ ଭାଷାରେ ଦ୍ରାବିଡ ଭାଷାର ପ୍ରଭାବ - ପୀତାମ୍ବର ପ୍ରଧାନ, ଓ.ରା.ପା.ପୁ.ପ୍ର. ଓ ପ୍ର.ସଂସ୍ଥା , ଭୁବନେଶ୍ୱର ।

୬. ଓଡ଼ିଆ ଭାଷା ବିଭବ – ବିଜୟ ପ୍ରସାଦ ମହାପାତ୍ର – ବିଦ୍ୟାପୁରୀ, କଟକ ।

୭. ଭାଷା ଶାସ୍ତ୍ର ପରିଚୟ - ଗୋଲୋକ ବିହାରୀ ଧଳ, ଓ.ରା.ପା.ପୁ.ପ୍ର.ଓ ପ୍ର. ସଂସ୍ଥା, ଭୁବନେଶ୍ୱର ।

୮. ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମ ବିକାଶ - ବଂଶୀଧର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଭାଷାତତ୍ତ୍ୱ ଓ ଓଡ଼ିଆ ଭାଷାର ଦିଗଦିଗନ୍ତ - ହରପ୍ରାସାଦ ମିଶ୍ର, ବିଜୟିନୀ ପବ୍ଲିକେଶନ୍ସ, କଟକ ।

୧୦. ଓଡ଼ିଆ ଲିପି ଓ ଭାଷା- ଖଗେଶ୍ୱର ମହାପାତ୍ର, ଗ୍ରନ୍ଥମନ୍ଦିର କଟକ ।


**ନମୁନା ପ୍ରଶ୍ନ (Sample Questions):**

୧. ତଦ୍ଭବ ଶବ୍ଦର ସଂଜ୍ଞା ପ୍ରଦାନ କର । (୧ ମାର୍କ)

୨. ଓଡ଼ିଆ ଭାଷାରେ କେତେଗୋଟି ମୌଳିକ ସ୍ୱରଧ୍ୱନି ଅଛି ? ସେଗୁଡିକର ନାମ ଲେଖ । (୨ ମାର୍କ)

୩. ଓଡ଼ିଆ ଭାଷାର ଆଞ୍ଚଳିକରୂପ ଉପରେ ଆଲୋକପାତ କର । (୫ ମାର୍କ)

୪. ଓଡ଼ିଆ ଭାଷା ଉପରେ ଇଂରାଜୀ ଭାଷା ପ୍ରଭାବର ସବିଶେଷ ଦୃଷ୍ଟାନ୍ତ ଦିଅ । (୮ ମାର୍କ)

## Core XV ଷଷ୍ଠ ପର୍ଯ୍ୟାୟ (Semester-VI)

## ଓଡ଼ିଆ ବ୍ୟାବହାରିକ ବ୍ୟାକରଣ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଭାଷା ବ୍ୟବହାରରେ ତ୍ରୁଟିଶୂନ୍ୟତା ଓ ଶୁଦ୍ଧତା ନିମିତ୍ତ ବ୍ୟାକରଣ ଜ୍ଞାନ ନିତାନ୍ତ ଆବଶ୍ୟକ। ଏହି ପାଠ୍ୟପତ୍ରରେ ଓଡ଼ିଆ ଭାଷାର ବ୍ୟାବହାରିକ ବ୍ୟାକରଣିକ ଜ୍ଞାନ ଅର୍ଜନ କରିବାର ସୁଯୋଗ ରହିଛି ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଓଡ଼ିଆ ପଦପ୍ରକରଣ ବିଷୟକ ଜ୍ଞାନ ହାସଲକରି ବିଶେଷ୍ୟ, ବିଶେଷଣ,ସର୍ବନାମ ,ଅବ୍ୟୟ ଓ କ୍ରିୟାପଦର ନିର୍ଭୁଲ ପ୍ରୟୋଗରେ ସକ୍ଷମ ହେବେ ଛାତ୍ରଛାତ୍ରୀ ।

**୨ୟ ଏକକ :** ଓଡ଼ିଆ ଭାଷାରେ କାରକ ଓ ବିଭକ୍ତିର ସଂଜ୍ଞା ସହିତ ତାର ପ୍ରକାରଭେଦ ଜାଣିବାପାଇଁ ଏହି ଏକକଟି ଉଦ୍ଦିଷ୍ଟ ।

**୩ୟ ଏକକ :** ଓଡ଼ିଆ ଭାଷାର କୃଦନ୍ତ ଓ ତଦ୍ଧିତ ପଦ ତଥା ଉପସର୍ଗଗୁଡ଼ିକ ସମ୍ପର୍କରେ ଜାଣିବା ନିମିତ୍ତ ଏହି ଏକକର ପରିକଳ୍ପନା ।

**୪ର୍ଥ ଏକକ :** ଓଡ଼ିଆ ଭାଷାରେ ସମାସ, ସନ୍ଧି ଆଦିର ଗୁରୁତ୍ୱ ସ୍ୱୀକାର୍ଯ୍ୟ। ଶବ୍ଦ ସଂକ୍ଷେପଣ ବା ଏକପଦୀକରଣ ଜ୍ଞାନ ମଧ୍ୟ ଭାଷା ପ୍ରୟୋଗରେ ଆବଶ୍ୟକ ହୁଏ । ଏ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ଏହି ଏକକର ଲକ୍ଷ୍ୟ ।

## ପାଠ୍ୟ ବିଷୟ

**୧ମ ଏକକ :** ପଦ ପ୍ରକରଣ (ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା)

**୨ୟ ଏକକ :** କାରକ, ବିଭକ୍ତି

**୩ୟ ଏକକ :** କୃଦନ୍ତ, ତଦ୍ଧିତ ଓ ଉପସର୍ଗ

**୪ର୍ଥ ଏକକ :** ସନ୍ଧି, ସମାସ ଓ ଏକପଦୀକରଣ

**ସହାୟକ ଗ୍ରନ୍ଥସୂଚୀ (Book of Reference):**


୧. ସର୍ବସାର ବ୍ୟାକରଣ- ନାରାୟଣ ମହାପାତ୍ର ଓ ଶ୍ରୀଧର ଦାସ, ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ ।

୨. ଆଧୁନିକ ଓଡ଼ିଆ ବ୍ୟାକରଣ – ଧନେଶ୍ୱର ମହାପାତ୍ର, କିତାବ ମହଲ, କଟକ ।

୩. ପ୍ରଚଳିତ ଓଡ଼ିଆ ଭାଷାର ଏକ ବ୍ୟାକରଣ – ବିଜୟ ପ୍ରସାଦ ମହାପାତ୍ର, ବିଦ୍ୟାପୁରୀ, କଟକ ।

୪. ଓଡ଼ିଆ ଭାଷା ଚର୍ଚ୍ଚା ପରମ୍ପରା -ଗଗନେନ୍ଦ୍ରନାଥ ଦାସ, ଓଡ଼ିଆ ଗବେଷଣା ପରିଷଦ, କଟକ ।

୫. ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦ ସମ୍ଭାର – ଧନେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୬. ସାଧାରଣ ଓଡ଼ିଆ ବନାନ ଶୁଦ୍ଧି- ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

୭. ନିର୍ଭୁଲ ଲେଖାର ମୂଳସୂତ୍ର- ନୀଳାଦ୍ରି ଭୂଷଣ ହରିଚନ୍ଦନ, କିତାବ ମହଲ, କଟକ ।

୮. ବ୍ୟାବହାରିକ ଓଡ଼ିଆ ବ୍ୟାକରଣ - କୃଷ୍ଣଚନ୍ଦ୍ର ପ୍ରଧାନ, ବ୍ରଜକିଶୋର ହୋତା, ଭାସ୍କର ପ୍ରଧାନ - ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ

୯. ବୃହତ୍ ବ୍ୟାବହାରିକ ବ୍ୟାକରଣ - ଡକ୍ଟର ତ୍ରିଲୋଚନ ବେହେରା, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ ।


**ନମୁନା ପ୍ରଶ୍ନ (Sample Questions ) :**

୧. କାରକ କେତେ ପ୍ରକାର ? (୧ ମାର୍କ)

୨. କୃଦନ୍ତ ଓ ତଦ୍ଧିତ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (୨ ମାର୍କ)

୩.ବିଶେଷ୍ୟର ସଂଜ୍ଞା ପ୍ରଦାନ କରି ପ୍ରକାରଭେଦ ଲେଖ । (୫ ମାର୍କ)

୪. ସନ୍ଧି କଣ? ଉଦାହରଣ ସହ ସନ୍ଧିର ରୂପଭେଦ ଦର୍ଶାଅ। (୮ ମାର୍କ)

## Core XVI ସପ୍ତମ ପର୍ଯ୍ୟାୟ (Semester-VII)

# ଓଡ଼ିଆ ଭାଷାର ବ୍ୟାବହାରିକ ପ୍ରୟୋଗ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସାରସ୍ୱତ ସୃଷ୍ଟି ବ୍ୟତୀତ ଭାଷା ବିବିଧ କାର୍ଯ୍ୟରେ ବ୍ୟବହୃତ ହୁଏ । ଭାଷାର ସେହି ବ୍ୟବହାରଗତ ପ୍ରୟୋଗରୀତି ଜାଣିବା ନିମିତ୍ତ ଓଡ଼ିଆ ଭାଷାର ବ୍ୟାବହାରିକ ପ୍ରୟୋଗ ପତ୍ର ପଠନ ପ୍ରାସଙ୍ଗିକ ମନେହୁଏ । ଏହି ପତ୍ରରେ ବିଭିନ୍ନ ବିଷୟ ଉପରେ ପ୍ରଦତ୍ତ ବକ୍ତବ୍ୟ

ସମ୍ବାଦ ପ୍ରସ୍ତୁତି, ନଥି ପ୍ରସ୍ତୁତି, ବିଜ୍ଞପ୍ତି ପ୍ରକାଶନ ଏବଂ ଆଜିର ସମୟରେ ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ବିଷୟକ ଜ୍ଞାନ ଅର୍ଜନ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ହେବ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** କୌଣସି ପ୍ରସଙ୍ଗ ଉପରେ ଦଳଗତ ଆଲୋଚନା ବା କୌଣସି ସମାରୋହରେ ଭାଷଣ ପ୍ରଦାନ କରିବାର କଳା କିପରି ହେବା ଆବଶ୍ୟକ, ଏହି ଏକକରୁ ସେହି ଶିକ୍ଷା ମିଳିବ ।

**୨ୟ ଏକକ :** ସାକ୍ଷାତକାର ଓ ସମ୍ବାଦ ପ୍ରସ୍ତୁତି ପାଇଁ ମଧ୍ୟ ଭାଷାର ଶୁଦ୍ଧତା ଓ ସଂଯମତା ଆବଶ୍ୟକ । ଛାତ୍ରଛାତ୍ରୀଙ୍କୁ ସେହି ଜ୍ଞାନ ପ୍ରଦାନ କରିବ ଏହି ଏକକଟି ।

**୩ୟ ଏକକ :** ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀମାନେ କିପରି ଓଡ଼ିଆ ଭାଷାରେ ନଥି ପ୍ରସ୍ତୁତକରି ଟିପ୍ପଣୀ ଲେଖିବେ, ଅନୁମୋଦନପତ୍ର ପ୍ରସ୍ତୁତ କରିବେ ବା କାର୍ଯ୍ୟାଳୟର ପତ୍ର ବିନିମୟ କିପରି ହେବ ତତ୍ ସମ୍ପର୍କୀୟ କଳାକୌଶଳ ଜାଣିବା ପାଇଁ ଏହି ଏକକଟି ସହାୟକ ହେବ ।

**୪ର୍ଥ ଏକକ :** ପ୍ରତ୍ୟେକ ଭାଷାର କମ୍ପ୍ୟୁଟରୀକରଣ ଆଜିର ଯୁଗରେ ଜରୁରୀ ହୋଇପଡ଼ିଛି । ତେଣୁ ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ବିଷୟରେ ଏହି ଏକକ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବ ।

## ପାଠ୍ୟ ବିଷୟ

**୧ମ ଏକକ :** ଭାଷଣ କଳା, ଦଳଗତ ଆଲୋଚନା

**୨ୟ ଏକକ :** ସମ୍ବାଦ ପ୍ରସ୍ତୁତି, ସାକ୍ଷାତକାର

**୩ୟ ଏକକ :** କାର୍ଯ୍ୟାଳୟରେ ଓଡ଼ିଆ ଲିଖନ ବିଧି (ନଥି ପ୍ରସ୍ତୁତି, ଟିପ୍ପଣୀ, ଅନୁମୋଦନ, ଚିଠା ପ୍ରସ୍ତୁତି, ଅଧିସୂଚନା ବିଜ୍ଞପ୍ତି, ଘୋଷଣା ଲିଖନ, ପତ୍ର ଲିଖନ)

**୪ର୍ଥ ଏକକ :** ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ, ସଫ୍ଟ ୱେୟାର ଓ ହାର୍ଡ ୱେୟାର, ଓଡ଼ିଆ ଫଣ୍ଟସ୍, କୀ-ବୋର୍ଡ, ବନାନ ଓ ବ୍ୟାକରଣ ଯାଞ୍ଚ ପ୍ରକ୍ରିୟା, ଓଡ଼ିଆରେ ଇଂଟରନେଟ୍‌ର ବ୍ୟବହାର, ଓଡ଼ିଆ ସାମାଜିକ ୱେବ୍‌ସାଇଟ୍

**ସହାୟକ ଗ୍ରନ୍ଥସୂଚୀ (Books of reference) :**


୧. ଗଣମାଧ୍ୟମ ଓ ଗଣଯୋଗାଯୋଗ- ଶିଶିର ବେହେରା, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ ।

୨. ଭାଷଣ କଳା ଓ ଅନ୍ୟାନ୍ୟ ପ୍ରସଙ୍ଗ - କୃଷ୍ଣଚନ୍ଦ୍ର ପ୍ରଧାନ, ସତ୍ୟନାରାୟଣ ବୁକ୍ ଷ୍ଟୋର ।

୩. ସମ୍ବାଦ ପତ୍ର ଓ ଗଣମାଧ୍ୟମ – ମୃଣାଳ ଚାଟାର୍ଜୀ, ଶେଫାଳୀ କମ୍ୟୁନିକେଶନ୍, ଢେଙ୍କାନାଳ ।

୪. ପ୍ରାୟୋଗିକ ଭାଷା ଓ ବିଜ୍ଞାପନର ଦିଗ ବିଦିଗ – କେ. ବି. ପଟ୍ଟନାୟକ, ଓ.ରା.ପା.ପୁ.ପ୍ର. ସଂସ୍ଥା, ଭୁବନେଶ୍ୱର ।

୫. ସଂଯୋଗ ଅନୁବିଧି – ସନ୍ତୋଷ କୁମାର ତ୍ରିପାଠୀ, ନାଳନ୍ଦା, ବିନୋଦବିହାରୀ, କଟକ ।

୬. ଓଡ଼ିଆରେ କମ୍ପ୍ୟୁଟର ଶିକ୍ଷା – ରୁଦ୍ର ନାରାୟଣ ମହାପାତ୍ର, ସତ୍ୟନାରାୟଣ ବୁକ୍‌ଷ୍ଟୋର, କଟକ।

୭. ଓଡ଼ିଆ ଭାଷାର କମ୍ପ୍ୟୁଟର ପ୍ରୟୋଗ – ସୁଧୀର ଚନ୍ଦ୍ର ମହାନ୍ତି, ଏ କେ ମିଶ୍ର, ପବ୍ଲିକେଶନସ୍, କଟକ ।

୮. ଯୋଗାଯୋଗର ଭାଷା ଓଡ଼ିଆ – ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

୯. ଓଡ଼ିଆ ସାମ୍ବାଦିକତା ଓ ରାଧାନାଥ ରଥ- ସତ୍ୟ ରାୟ, ବିଦ୍ୟାପୁରୀ, କଟକ ।
୧୦. କାଯ୍ୟାଳୟ ନଥି – ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

**ନମୁନା ପ୍ରଶ୍ନ (Sample Questions) :**

୧. ମୁଦ୍ରିତ ସମ୍ବାଦର ଯିଏ ତ୍ରୁଟି ବିଚ୍ୟୁତି ସଂଶୋଧନ କରନ୍ତି, ତାଙ୍କୁ କଣ କୁହାଯାଏ ? (୧ ମାର୍କ)

୨. ଅଧିସୂଚନା ବିଜ୍ଞପ୍ତି କଣ ? (୨ ମାର୍କ)

୩.ସଫ୍ଟ ୱେୟାର ଓ ହାର୍ଡ ୱେୟାର୍ ମଧ୍ୟରେ ପାର୍ଥକ୍ୟ କଣ ? (୫ ମାର୍କ)

୪. ଭାଷଣ କଳାର ଅଭିବୃଦ୍ଧି ପାଇଁ କେଉଁକେଉଁ ଦିଗପ୍ରତି ସଚେତନ ରହିବାକୁ ପଡ଼େ, ଦର୍ଶାଅ । (୮ ମାର୍କ)

## Core XVII ସପ୍ତମ ପର୍ଯ୍ୟାୟ (Semester-VII)

# ପ୍ରାଚ୍ୟ ଓ ପାଶ୍ଚାତ୍ୟ କାବ୍ୟତତ୍ତ୍ୱ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସ୍ନାତକ ଶ୍ରେଣୀର ଛାତ୍ରଛାତ୍ରୀମାନେ ପ୍ରାଚ୍ୟ ଓ ପାଶ୍ଚାତ୍ୟ କାବ୍ୟତତ୍ତ୍ୱ ସମ୍ପର୍କରେ ଜାଣିବା ଆବଶ୍ୟକ । ପ୍ରାଚୀନ ଓଡ଼ିଆ ସାହିତ୍ୟ, ପ୍ରାଚ୍ୟ କାବ୍ୟତତ୍ତ୍ୱ ଦ୍ୱାରା ଯେପରି ଅନୁପ୍ରାଣିତ ଆଧୁନିକ ସାହିତ୍ୟରେ ସେହିପରି ପାଶ୍ଚାତ୍ୟ କାବ୍ୟତତ୍ତ୍ୱର ପ୍ରଭାବ ଲକ୍ଷଣୀୟ । ଏଣୁ ଏହି ଉଭୟ କାବ୍ୟତତ୍ତ୍ୱ ସମ୍ପର୍କରେ ଆବଶ୍ୟକ ଜ୍ଞାନ ଆହରଣ ନିମିତ୍ତ ଏହି ପାଠ୍ୟପତ୍ରଟି ସହଯୋଗ କରିବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଭାରତୀୟ କାବ୍ୟତତ୍ତ୍ୱର ରସ, ରୀତି ଓ ଗୁଣର ସଂଜ୍ଞା, ସ୍ୱରୂପ ତଥା ପ୍ରକାରଭେଦ ଜାଣିବା ପାଇବା ଏହି ଏକକରେ ସୁଯୋଗ ରହିଛି ।

**୨ୟ ଏକକ :** କାବ୍ୟସ୍ରଷ୍ଟା ବକ୍ରୋକ୍ତି ଓ ଅଳଙ୍କାର ପ୍ରୟୋଗକରି କାବ୍ୟର ମହତ୍ତ୍ୱ ବର୍ଦ୍ଧନ କରେ । ପ୍ରାଚ୍ୟ କାବ୍ୟତତ୍ତ୍ୱର ଏ ଉଭୟର ତାତ୍ତ୍ୱିକ ଦିଗ ଶିକ୍ଷାର୍ଥୀମାନେ ଜାଣିପାରିବେ ଏହି ଏକକରେ ।

**୩ୟ ଏକକ :** ପାଶ୍ଚାତ୍ୟ କାବ୍ୟତତ୍ତ୍ୱରେ କ୍ଲାସିକ, ରୋମାଣ୍ଟିକ ଓ ବାସ୍ତବବାଦର ଭୂମିକା ସ୍ୱୀକାର୍ଯ୍ୟ । ଏହି ତିନିଗୋଟି ପାଶ୍ଚାତ୍ୟ ବାଦ ଉପରେ ଏହି ଏକକ ଧାରଣା ଦେବ ।

**୪ର୍ଥ ଏକକ :** ମିଥ୍, ପ୍ରତୀକ, ଚିତ୍ରକଳ୍ପ ଆଧୁନିକ ସାହିତ୍ୟର ଅପରିହାର୍ଯ୍ୟ ଉପାଦାନ । ଏହି ତିନିଗୋଟି ପାଶ୍ଚାତ୍ୟ ତତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀ ଏହି ଏକକରୁ ଜାଣି ପାରିବେ ।

# ପାଠ୍ୟ ବିଷୟ

**୧ମ ଏକକ :** ରସ, ରୀତି ଓ ଗୁଣର ସଂଜ୍ଞା, ସ୍ୱରୂପ ଓ ପ୍ରକାର ଭେଦ

**୨ୟ ଏକକ :** ବକ୍ରୋକ୍ତି ଓ ଅଳଙ୍କାରର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

**୩ୟ ଏକକ :** କ୍ଲାସିସିଜମ୍ , ରୋମାଂଟିସିଜମ୍ ଓ ବାସ୍ତବବାଦ

**୪ର୍ଥ ଏକକ :** ପ୍ରତୀକବାଦ, ମିଥ୍ ଓ ଚିତ୍ରକଳ୍ପ

**ସହାୟକ ଗ୍ରନ୍ଥସୂଚୀ (Book of reference) :**

୧. ଭାରତୀୟ ସାହିତ୍ୟ ତତ୍ତ୍ୱ - ବନମାଳୀ ରଥ, ଓଡ଼ିଶା ରା. ପା. ପୁ. ପ୍ର. ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର ।

୨. ଅଳଙ୍କାର ପ୍ରସଙ୍ଗ –ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସାହିତ୍ୟ ତତ୍ତ୍ୱ -ପ୍ରାଚ୍ୟ ପାଶ୍ଚାତ୍ୟ – ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. କାବ୍ୟ ତତ୍ତ୍ୱ - ଜିତେନ୍ଦ୍ର କୁମାର ଦାଶ, ଏ. କେ. ମିଶ୍ର, କଟକ ।

୫. କାବ୍ୟ ବିଚାର – ସୁରେନ୍ଦ୍ର ନାଥ ଦାଶଗୁପ୍ତ, ଅନୁ – ଶିଶିର ବେହେରା, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

୬. ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ- ସଂ. କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ ।

୭. ସାହିତ୍ୟର ସୂଚୀପତ୍ର – ବିଭୂତି ପଟ୍ଟନାୟକ, ନାଳନ୍ଦା/ ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୮. କାବ୍ୟ ଓ କଳାକାର (ଶୁକ୍ଳାଭିସାର ତିମିରାଭିସାର) - ଚିନ୍ତାମଣି ବେହେରା, ଜଗନ୍ନାଥ ରଥ, କଟକ ।

୯. ସାମ୍ପ୍ରତିକ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ – ଚିତ୍ତ ରଞ୍ଜନ ମିଶ୍ର, ଗ୍ରନ୍ଥ ମନ୍ଦିର, କଟକ ।

୧୦. ସାହିତ୍ୟର ସନ୍ଧିଧାନ : ପୂର୍ଣଚନ୍ଦ୍ର ମହାନ୍ତି, ଫ୍ରେଣ୍ଡସ୍ ଏମ୍ପୋରିଅମ, ସମ୍ବଲପୁର ।

**ନମୁନା ପ୍ରଶ୍ନ (Sample Questions):**

୧. କାବ୍ୟରେ କେତେଗୋଟି ରୀତି ପ୍ରଚଳିତ ? (୧ ମାର୍କ)

୨. ଶୃଙ୍ଗାର ରସର ଦୁଇଗୋଟି ଭେଦ ଲେଖ । (୨ ମାର୍କ)

୩. କାକୁ ବକ୍ରୋକ୍ତି ଉପରେ ଆଲୋକପାତ କର । (୫ ମାର୍କ)

୪. ସାହିତ୍ୟରେ ମିଥ୍ ପ୍ରୟୋଗର ପ୍ରାସଙ୍ଗିକତା ଲେଖ । (୮ ମାର୍କ)

## Core XVIII ସପ୍ତମ ପର୍ଯ୍ୟାୟ (Semester-VII)

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଅନୁଶୀଳନ (୧୯୪୭ ରୁ ୨୦୦୦)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଭାରତ ସ୍ୱାଧୀନତା ଲାଭକରିବା ପରେ ଶାସନ ବ୍ୟବସ୍ଥାରେ ଯେପରି ପରିବର୍ତ୍ତନ ଘଟିଲା, ଭାରତୀୟ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହିପରି ବ୍ୟାପକ ପରିବର୍ତ୍ତନ ଘଟିଥିବାର ଲକ୍ଷ୍ୟ କରାଯାଏ । ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ପରକାଳର ଓଡ଼ିଆ କବିତାରେ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ କି କି ନୂତନତା ସମ୍ପାଦିତ ହେଲା ତାହାର ଅନୁଶୀଳନ କରି ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ଗୁଣାତ୍ମକମୂଲ୍ୟ ଉପଲବ୍ଧି କରିବା ନିମିତ୍ତ ଏହି ପତ୍ରର ପାଠ୍ୟଖସଡ଼ା ପ୍ରସ୍ତୁତ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ପୃଷ୍ଠଭୂମିରେ ଯେଉଁସବୁ କାରଣ ଓ କାରକ ରହିଥିଲା, ତାହା ଅବଗତ ହେବା ନିମିତ୍ତ ଶଂସିତ ଏକକ ସହାୟକ ହେବ ।

**୨ୟ ଏକକ :** ପୂର୍ବବର୍ତ୍ତୀ କବିତାଠାରୁ ସ୍ୱାଧୀନତା ପରବର୍ତ୍ତୀକାଳର ଓଡ଼ିଆ କବିତାରେ ବହୁ ନୂତନଦିଗ ଆତ୍ମପ୍ରକାଶ କଲା । ସେହିସବୁ ଦିଗର ଅନୁଶୀଳନକରି ସ୍ୱାଧୀନତାପର ଓଡ଼ିଆ କବିତାର ଆତ୍ମିକ ବୈଶିଷ୍ଟ୍ୟକୁ ଚିହ୍ନିବାରେ ଏହି ଏକକ ଶିକ୍ଷାର୍ଥୀଙ୍କୁ ସହାୟତା କରିବ ।

**୩ୟ ଏକକ :** ଆତ୍ମିକ ଦିଗ ପରି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଆଙ୍ଗିକ ଦିଗର ଆକଳନ କରିବା ସହିତ ତାହାର ବିଶେଷତ୍ୱ ନିର୍ଦ୍ଧାରଣ କରିବାପାଇଁ ଏହି ଏକକ ଉଦ୍ଦିଷ୍ଟ ।

**୪ର୍ଥ ଏକକ:** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ବହୁ ବିଶିଷ୍ଟ କବିଙ୍କ ଦାନରେ ସମୃଦ୍ଧ। ସେମାନଙ୍କ ମଧ୍ୟରୁ ସଚ୍ଚିଦାନନ୍ଦ, ରମାକାନ୍ତ ପ୍ରମୁଖ କେତେଜଣ ସୁପ୍ରତିଷ୍ଠିତ କବିଙ୍କ କାବ୍ୟଧାରା ଉପରେ ଅବଗତ ହେବାପାଇଁ ଏହି ଏକକରେ ସୁଯୋଗ ରହିଛି ।

# ପାଠ୍ୟ ବିଷୟ

**୧ମ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ପୃଷ୍ଠଭୂମି

**୨ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଆତ୍ମିକ ବୈଶିଷ୍ଟ୍ୟ

**୩ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଆଙ୍ଗିକ ଦିଗ

**୪ର୍ଥ ଏକକ :** ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ କାବ୍ୟସ୍ରଷ୍ଟା

(ସଚ୍ଚିଦାନନ୍ଦ, ଗୁରୁପ୍ରସାଦ, ରମାକାନ୍ତ, ସୀତାକାନ୍ତ, ରାଜେନ୍ଦ୍ର ପଣ୍ଡା, ପ୍ରତିଭା ଶତପଥୀ)

**ସହାୟକ ଗ୍ରନ୍ଥସୂଚୀ (Book of reference):**


୧. ସତୁରୀରୁ ସହସ୍ରାବ୍ଦୀ – ନିତ୍ୟାନନ୍ଦ ଶତପଥୀ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ ।

୨. ଆଧୁନିକ ଓଡ଼ିଆ କବିତାର କୁଳ ଓ ଶୀଳ - ଶରତ ଚନ୍ଦ୍ର ପ୍ରଧାନ, ବିଜୟିନୀ ପବ୍ଲିକେଶନସ୍, କଟକ ।

୩. ଆଧୁନିକତାର ଉତ୍ତରଣ : ଓଡ଼ିଆ କବିତା ଓ କବି ଦୃଷ୍ଟି - ବବ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲି କେଶନସ୍, କଟକ ।

୪. ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ- ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

୫. ଆଧୁନିକ ଉତ୍ତର ଆଧୁନିକ – ଦେବାଶିଷ ପାତ୍ର, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୬. ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା - ଶତ୍ରୁଘ୍ନ ପାଣ୍ଡବ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୭. ସୂର୍ଯ୍ୟସ୍ନାତ – ଯତୀନ୍ଦ୍ର ମୋହନ ମହାନ୍ତି, ସୁବର୍ଣ୍ଣରେଖା, ଭୁବନେଶ୍ୱର-୬ ।

୮. ଆଧୁନିକ କାବ୍ୟ ଜିଜ୍ଞାସା : ଚିତ୍ର କଳ୍ପ - ଦାଶରଥି ଦାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ନୂଆ କବିତାର ନକ୍ସା - ଦିଲୀପ କୁମାର ସ୍ୱାଇଁ, ବିଜୟିନୀ ପବ୍ଲିକେଶନସ୍, କଟକ ।

୧୦. କବିତା ୧୯୬୨ ଓ ନୂତନ କବିତାର ଭୂମିକା – ସଚ୍ଚିଦାନନ୍ଦ ରାଉତରାୟ , ଗ୍ରନ୍ଥମନ୍ଦିର, କଟକ ।


**ନମୁନା ପ୍ରଶ୍ନ (Sample Questions):**

୧. ସୀତାକାନ୍ତ ମହାପାତ୍ରଙ୍କ ପ୍ରଥମ କବିତା ସଙ୍କଳନର ନାମ କଣ ? (୧ ମାର୍କ)

୨.ସ୍ୱାଧୀନତା ପରବର୍ତ୍ତୀ କାଳରେ ରଚିତ କବି ସଚ୍ଚିଦାନନ୍ଦଙ୍କ ଦୁଇଟି କବିତାଗ୍ରନ୍ଥର ନାମ ଲେଖ । (୨ ମାର୍କ)

୩. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ରାଜନୀତିକ ପୃଷ୍ଠଭୂମି ଉପରେ ଆଲୋକପାତ କର । (୫ ମାର୍କ)

୪. ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ଆତ୍ମିକ ବୈଶିଷ୍ଟ୍ୟ ନିର୍ଦ୍ଧାରଣ କର । (୮ ମାର୍କ)

**Core XIX** **ସପ୍ତମ ପର୍ଯ୍ୟାୟ (Semester-VII)**

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥାସାହିତ୍ୟର ଅନୁଶୀଳନ (୧୯୪୭ ରୁ ୨୦୦୦)

**Course Outcome (ପାଠ୍ୟକ୍ରମ ଫଳଶ୍ରୁତି):**

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଗଳ୍ପ-ଉପନ୍ୟାସର ଗତି ଓ ପ୍ରବୃତ୍ତି କିପରି ଭିନ୍ନମୋଡ଼ ନେଇଛି ତାହାର କଳାତ୍ମକ ଅନୁଶୀଳନ ମାଧ୍ୟମରେ ସ୍ୱାଧୀନତା ପରକାଳର ଓଡ଼ିଆ କଥାସାହିତ୍ୟକୁ ସୂକ୍ଷ୍ମରୂପେ ଉପଲବ୍ଧି କରିବା ସ୍ନାତକ ସମ୍ମାନ ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଗୁରୁତ୍ୱ ରଖେ । ଛାତ୍ରଛାତ୍ରୀଙ୍କୁ ଶଂସିତ କାଳର କଥା ଓ କଥାକାର ଏବଂ ତାଙ୍କର ସାରସ୍ୱତ ଅବଦାନକୁ ଉପଲବ୍ଧି କରିବାପାଇଁ ଏହି ପତ୍ର ସହାୟକ ହେବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳ ଶ୍ରୁତି):**

**୧ମ ଏକକ :** ସାହିତ୍ୟର ପ୍ରବୃତ୍ତିଗତ ପରିବର୍ତ୍ତନ ପଛରେ ବିବିଧ କାରଣ ବିଦ୍ୟମାନ ଥାଏ । ସେଗୁଡ଼ିକର ବିଶେଷ ଅନୁଶୀଳନ କରିବା ପାଇଁ ଶଂସିତ ଏକକ ଖୋରାକ ଯୋଗାଇବ ।

**୨ୟ ଏକକ :** ସ୍ୱାଧୀନତା ପରେ ଓଡ଼ିଆ ଗଳ୍ପସାହିତ୍ୟ ଯେପରି ବ୍ୟାପକ ରୂପଲାଭ କରିଛି, ସେହିପରି ତାର ରଚନାଶୈଳୀ ଓ ଆତ୍ମିକ ସତ୍ତାରେ ଅଭିନବତା ପ୍ରସ୍ଫୁଟିତ ହୋଇଛି, ତାହାକୁ ଚିହ୍ନିବା ପାଇଁ ଏହି ଏକକର ପାଠ୍ୟଖସଡ଼ା ପଥ ପ୍ରଦର୍ଶନ କରିବ ।

**୩ୟ ଏକକ :** ବିଷୟ ବସ୍ତୁ ଓ ଉପସ୍ଥାପନା କୌଶଳ ଦୃଷ୍ଟିରୁ ସ୍ୱାଧୀନତା ପରେପରେ ଓଡ଼ିଆ ଉପନ୍ୟାସର ବିକାଶଧାରା ବେଶ୍ ଉଲ୍ଲେଖଯୋଗ୍ୟ । ସମାଜ, ରାଜନୀତି, ପଲ୍ଲୀ ଓ ସହରର ମାନବିକ ମୂଲ୍ୟବୋଧ, ପ୍ରାକୃତିକ ବିପର୍ଯ୍ୟୟ, ତଥା ବହୁ ସମସ୍ୟାକୁ ଆଧାରକରି ଉପନ୍ୟାସ ସାହିତ୍ୟର କିପରି ପୁଷ୍ଟି ବିଧାନ ହୋଇଛି, ଛାତ୍ରଛାତ୍ରୀ ଏହି ଏକକରୁ ତାହା ଅବଶ୍ୟ ଅନୁଭବ କରିପାରିବେ ।

**୪ର୍ଥ ଏକକ :** ଶତାଧିକ କଥାକାରଙ୍କ ମଧ୍ୟରୁ ସ୍ୱାଧୀନତା ପରବର୍ତ୍ତୀ କାଳର କେତେଜଣ ଦିଗ୍‌ଗଜ ଗଳ୍ପକାର ଓ ଔପନ୍ୟାସିକଙ୍କ ସମ୍ପର୍କରେ ଏହି ଏକକ ଶିକ୍ଷାର୍ଥୀଙ୍କୁ ଧାରଣା ପ୍ରଦାନ କରିବ ।

## ପାଠ୍ୟ ବିଷୟ

**୧ମ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥାସାହିତ୍ୟର ପୃଷ୍ଠଭୂମି

**୨ୟ ଏକକ :** ସ୍ୱାଧୀନତୋତ୍ତର ଓଡ଼ିଆ ଗଳ୍ପର ଗତି ଓ ପ୍ରବୃତ୍ତି

**୩ୟ ଏକକ :** ସ୍ୱାଧୀନତା ପରବର୍ତୀ ଓଡ଼ିଆ ଉପନ୍ୟାସର ବିକାଶଧାରା ଓ ବୈଶିଷ୍ଟ୍ୟ

**୪ର୍ଥ ଏକକ:** ସ୍ୱାଧୀନତୋତ୍ତର ପ୍ରମୁଖ ଓଡ଼ିଆ କଥାକାର

କ) ଗଳ୍ପ -ମନୋଜ ଦାସ, ଅଖିଳମୋହନ ପଟ୍ଟନାୟକ, ବୀଣାପାଣି ମହାନ୍ତି

ଖ) ଉପନ୍ୟାସ – ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ପ୍ରତିଭା ରାୟ

**ସହାୟକ ଗ୍ରନ୍ଥସୂଚୀ (Book of reference):**

୧. ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ - ୧ମ ଓ ୨ୟ ଭାଗ ସଂ. ପଠାଣି ପଟ୍ଟନାୟକ, ଭୋଳାନାଥ ରାଉତ, ଓଡ଼ିଶା ବୁକ୍ ଷ୍ଟୋର, କଟକ ।

୨. ଓଡ଼ିଆ ଉପନ୍ୟାସ – କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ଗଳ୍ପ ଗାଳ୍ପିକ ଗଳ୍ପାୟନ - ଦେବାଶିଷ ପାତ୍ର, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୪. ଓଡ଼ିଆ କଥାସାହିତ୍ୟର ବିଭା ଓ ବିବିଧତା – ବଭ୍ରୁବାହନ ମହାପାତ୍ର, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୫. ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ, (୧ମ ଓ ୨ୟ ଭାଗ) –ବୈଷ୍ଣବ ଚରଣ ସାମଲ, ବୁକ୍ସ୍ ଏଣ୍ଡ୍ ବୁକ୍ସ୍, କଟକ ।

୬. ଓଡ଼ିଆ ଉପନ୍ୟାସ ପରିଚିତି (୧ମ ଓ ୨ୟ ଭାଗ) - ନାରାୟଣ ସାହୁ ।

୭. ଓଡ଼ିଆ କଥାସାହିତ୍ୟରେ ନାରୀବାଦ - ସଂ. ସବିତା ପ୍ରଧାନ, ଅଗ୍ରଦୂତ, କଟକ ।

୮. ସୁରେନ୍ଦ୍ର ସାହିତ୍ୟ ସମୀକ୍ଷଣ – ସଂ. ପ୍ରକାଶ କୁମାର ପରିଡା, ଗିରୀଶଚନ୍ଦ୍ର ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ସାହିତ୍ୟ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ – ବାଉରୀବନ୍ଧୁ କର, ଗ୍ରନ୍ଥମନ୍ଦିର, କଟକ ।

୧୦. ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା- ବ୍ରହ୍ମାନନ୍ଦ ଖୁଂଟିଆ, ନବଦିଗନ୍ତ, ବିନୋଦବିହାରୀ, କଟକ ।

**ନମୁନା ପ୍ରଶ୍ନ (Sample Questions ) :**

୧. ଯେକୌଣସି ଏକ ଚେତନାପ୍ରବାହୀ ଉପନ୍ୟାସର ନାମ ଲେଖ । (୧ ମାର୍କ)

୨. ଦୁଇଟି ମନସ୍ତାତ୍ତ୍ୱିକ ଗଳ୍ପର ଉଦାହରଣ ଦିଅ । (୨ ମାର୍କ)

୩. ଅଖିଳମୋହନ ପଟ୍ଟନାୟକଙ୍କ ଗଳ୍ପକଳାର ବିଶେଷତ୍ୱ ଲେଖ । (୫ ମାର୍କ)

୪. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ପ୍ରତିଫଳିତ ପାରିବାରିକ ଜୀବନ ଉପରେ ଆଲୋକପାତ କର । (୮ ମାର୍କ)

## Core XX ଅଷ୍ଟମ ପର୍ଯ୍ୟାୟ (Semester-VIII)

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟ ସାହିତ୍ୟର ଅନୁଶୀଳନ (୧୯୪୭ ରୁ ୨୦୦୦)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଓଡ଼ିଆ ନାଟକର ବିକାଶଧାରାରେ ସ୍ୱାଧୀନତା ପରବର୍ତ୍ତୀକାଳ ଯଥେଷ୍ଟ ଗୁରୁତ୍ୱରଖେ । ପୁନଶ୍ଚ, ନବନାଟ୍ୟ ଆନ୍ଦୋଳନ ପରେ ବିବିଧ ପରୀକ୍ଷାନିରୀକ୍ଷା ଓଡ଼ିଆ ନାଟକରେ ପ୍ରତିଭାତ ହୋଇଥାଏ । ଏକାଙ୍କିକା ବା କ୍ଷୁଦ୍ର ନାଟକ ମଧ୍ୟ ଆମ ସାହିତ୍ୟରେ ପ୍ରଭାବଶାଳୀ ଭୂମିକା ଗ୍ରହଣକରିଛି । ଏସବୁର ଗଭୀର ଅନୁଶୀଳନ ସହିତ ସଂଳାପ, ମଞ୍ଚକୌଶଳ, ପ୍ରଭୃତି ବିବିଧ ବିଷୟର ଜ୍ଞାନ ହାସଲ କରିବାପାଇଁ ଏହି ପାଠ୍ୟପତ୍ରଟି ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଏହି ଏକକଟି ସ୍ୱାଧୀନତା ପରବର୍ତ୍ତୀ କାଳର ନାଟ୍ୟସାହିତ୍ୟର ପୃଷ୍ଠଭୂମି, ତାର ଦିଗଦିଗନ୍ତ ଆକଳନ କରିବା ପାଇଁ ପ୍ରେରଣା ଯୋଗାଇବ ।

**୨ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟସାହିତ୍ୟର ଅଙ୍ଗସଜ୍ଜା ଓ ଆତ୍ମିକରୂପର ଅନୁଧ୍ୟାନ କରିବାକୁ ଏହି ଏକକରେ ଛାତ୍ରଛାତ୍ରୀ ପ୍ରବୃତ୍ତ ରହିବେ ।

**୩ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଛୋଟନାଟକ ବା ଏକାଙ୍କିକା ସାହିତ୍ୟର ଧାରା ଓ ଧର୍ମ ଅନ୍ୱେଷଣ କରିବାପାଇଁ ଶଂସିତ ଏକକଟି ଅନୁପ୍ରେରିତ କରିବ ।

**୪ର୍ଥ ଏକକ :** ଉଭୟ ନାଟକ ଓ ଏକାଙ୍କିକା ରଚନାରେ ନିମଗ୍ନ ଥିବା ନାଟ୍ୟକାରଙ୍କ ମଧ୍ୟରୁ କେତେଜଣ ବରେଣ୍ୟ ନାଟ୍ୟସ୍ରଷ୍ଟାଙ୍କ ରଚନାସମ୍ଭାର ଓ ତାର ଗୁଣଗତ ବିଶେଷତ୍ୱକୁ ଛାତ୍ରଛାତ୍ରୀ ଜାଣିବାର ସୁଯୋଗ ପାଇବେ ଏହି ଏକକରେ ।

# ପାଠ୍ୟ ବିଷୟ

**୧ମ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟ ସାହିତ୍ୟର ପୃଷ୍ଠଭୂମି

**୨ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକର ସ୍ୱରୂପ

**୩ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଏକାଙ୍କିକାର ଧରା ଓ ଧାରା

**୪ର୍ଥ ଏକକ :** ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଓଡ଼ିଆ ନାଟ୍ୟ ରଚୟିତା :

**ନାଟକ** -ଗୋପାଳ ଛୋଟରାୟ, ରାମଚନ୍ଦ୍ର ମିଶ୍ର, ମନୋରଂଜନ ଦାସ,

**ଏକାଙ୍କିକା -** ପ୍ରାଣବନ୍ଧୁ କର, ବିଜୟ ମିଶ୍ର, ବିଶ୍ୱଜିତ ଦାସ,

**ସହାୟକ ଗ୍ରନ୍ଥସୂଚୀ (Book of reference):**


୧. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା (୧ମ,୨ୟ.୩ୟ, ୪ର୍ଥ ଖଣ୍ଡ)- ହେମନ୍ତ କୁମାର ଦାସ, ସାଥୀମହଲ, କଟକ ।

୨. ଓଡ଼ିଆ ନାଟକର ଇତିହାସ – ନୀଳାଦ୍ରି ଭୂଷଣ ହରିଚନ୍ଦନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସ୍ୱାଧୀନତୋତ୍ତର ଓଡ଼ିଆ ନାଟକ - ନାରାୟଣ ସାହୁ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୪. ନୂତନ ମୂଲ୍ୟବୋଧର ନାଟକ - ବିଜୟ କୁମାର ଶତପଥୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଓଡ଼ିଆ ନାଟ୍ୟ ସାହିତ୍ୟ – ସର୍ବେଶ୍ୱର ଦାସ - ଓ.ରା.ପା.ପୁ ପ୍ର ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର ।

୬. ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ - ରତ୍ନାକର ଚଇନି ,ବୁକ୍ସ ଏଣ୍ଡ୍ ବୁକ୍ସ, କଟକ ।

୭. ଉଭଟ ନାଟ୍ୟ ପରମ୍ପରା - ରତ୍ନାକର ଚଇନି - ଓ.ରା.ପା.ପୁ ପ୍ର ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର ।

୮. ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି - ନୀଳାଦ୍ରି ଭୂଷଣ ହରିଚନ୍ଦନ, ବିଦ୍ୟାପୁରୀ, କଟକ ।

୯. ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ – ହେମନ୍ତ କୁମାର ଦାସ, ବିଦ୍ୟାପୁରୀ, କଟକ ।

୧୦. ନାଟକ : ବ୍ୟାପ୍ତି ଓ ଦୀପ୍ତି - ସଂଘମିତ୍ରା ମିଶ୍ର, ଅଗ୍ରଦୂତ, କଟକ ।


**ନମୁନା ପ୍ରଶ୍ନ (Sample Questions) :**

୧. ସ୍ୱାଧୀନତା ପରବର୍ତ୍ତୀ କାଳର ଗୋଟିଏ ମିଥ୍ ନାଟକର ଦୃଷ୍ଟାନ୍ତ ଦିଅ । (୧ ମାର୍କ)

୨.ନବନାଟ୍ୟ ଆନ୍ଦୋଳନ ପରବର୍ତ୍ତୀ ଦୁଇଜଣ ପରୀକ୍ଷାଧର୍ମୀ ନାଟ୍ୟକାରଙ୍କ ନାମ ଲେଖ । (୨ ମାର୍କ)

୩. ଓଡ଼ିଆ ଏକାଙ୍କିକା ସାହିତ୍ୟକୁ ପ୍ରାଣବନ୍ଧୁ କରଙ୍କ ଅବଦାନ ଉଲ୍ଲେଖ କର । (୫ ମାର୍କ)

୪. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକର ସ୍ୱରୂପ ଦର୍ଶାଅ । (୮ ମାର୍କ)

**Core XXI** **ଅଷ୍ଟମ ପର୍ଯ୍ୟାୟ (Semester-VIII)**

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଦ୍ୟସାହିତ୍ୟ ଓ ପତ୍ରପତ୍ରିକାର ଅନୁଶୀଳନ (୧୯୪୭-୨୦୦୦)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଗଦ୍ୟସାହିତ୍ୟ ହୋଇଛି ବହୁମୁଖୀ । ପ୍ରବନ୍ଧ, ସମାଲୋଚନା ସହିତ ଜୀବନୀ, ଆତ୍ମଜୀବନୀ, ଭ୍ରମଣକାହାଣୀ ଆଦି ଏକାଳରେ ବ୍ୟାପକ ରୂପଲାଭ କରିଛି । ଓଡ଼ିଆ ପତ୍ରପତ୍ରିକା ମଧ୍ୟ ବିପୁଳ ସଂଖ୍ୟାରେ ଆତ୍ମପ୍ରକାଶ କରିଛି । ଗଦ୍ୟସାହିତ୍ୟ ଓ ପତ୍ରପତ୍ରିକାର ଏହି ବିବିଧତା ଓ ବ୍ୟାପକତାକୁ ଶିକ୍ଷାର୍ଥୀମାନେ ଅନୁଶୀଳନ କରିପାରିବେ ଏହି ପାଠ୍ୟପତ୍ରରେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ସ୍ୱାଧୀନତା ପରକାଳର ମୌଳିକ ପ୍ରବନ୍ଧ ରଚନା ସହିତ ସାହିତ୍ୟ ସମାଲୋଚନା କ୍ଷେତ୍ର ହୋଇଛି ବିସ୍ତୃତ । ଚିନ୍ତାଶୀଳ, ତତ୍ତ୍ୱମୂଳକ ଓ ଭାବାତ୍ମକ ପ୍ରବନ୍ଧ ସୃଷ୍ଟି ସହିତ ଲେଖକମାନେ ସମାଲୋଚନା ସାହିତ୍ୟକୁ କ୍ରମଶଃ ପରିପକ୍ୱ କରିଛନ୍ତି, ଯାହା ଏହି ଏକକରୁ ଉପଲବ୍ଧ ହେବ ।

**୨ୟ ଏକକ :** ଜୀବନୀ ଓ ଆତ୍ମଜୀବନୀ ଭିତରେ ସାମ୍ୟ-ବୈଷମ୍ୟ ବିଷୟରେ ଅବଗତ ହେବାସହ ଶିକ୍ଷାର୍ଥୀମାନେ ଏହି ଏକକରେ ଏହି ଦୁଇଦିଗର ସ୍ୱାଧୀନତା ପରକାଳୀନ ରୂପରେଖ ଓ ଗୁଣାତ୍ମକ ମୂଲ୍ୟକୁ ଅନୁଶୀଳନ କରିପାରିବେ ।

**୩ୟ ଏକକ :** ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟଠାରୁ ପରବର୍ତ୍ତୀକାଳରେ ଓଡ଼ିଆ ଭ୍ରମଣବୃତ୍ତାନ୍ତ ବୈଦେଶିକ ଅନୁଭୂତିରେ ବିଶେଷ ସମୃଦ୍ଧିବନ୍ତ ହୋଇଛି । ସ୍ୱଦେଶୀୟ ଭ୍ରମଣାନୁଭୂତି ଓ ବୈଦେଶୀୟ ଭ୍ରମଣସାହିତ୍ୟ ସମ୍ପର୍କରେ ଏହି ଏକକରୁ ଛାତ୍ରଛାତ୍ରୀ ଜ୍ଞାନଲାଭ କରିବେ।

**୪ର୍ଥ ଏକକ :** ପରିମାଣାତ୍ମକ ଦୃଷ୍ଟିରୁ ଦେଖିଲେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷାରେ ବହୁ ପତ୍ରପତ୍ରିକା ଜନ୍ମ ନେଇଛି। କିନ୍ତୁ ଅନେକ ପତ୍ରିକାର ଅକାଳରେ ବିଲୟ ମଧ୍ୟ ଘଟିଛି । ଏହି ଏକକରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପତ୍ରପତ୍ରିକାର ସ୍ଥିତି ଓ ବ୍ୟାପ୍ତି ଛାତ୍ରଛାତ୍ରୀ ଆକଳନ କରିପାରିବେ ।

## ପାଠ୍ୟ ବିଷୟ

**୧ମ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ

**୨ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଜୀବନୀ ଓ ଆତ୍ମଜୀବନୀ

**୩ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଭ୍ରମଣବୃତ୍ତାନ୍ତ

**୪ର୍ଥ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପତ୍ରପତ୍ରିକା

**ସହାୟକ ଗ୍ରନ୍ଥସୂଚୀ (Book of reference):**

୧. ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ - ଅସିତ କବି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଓଡ଼ିଆ ସମାଲୋଚନା ସାହିତ୍ୟର ଇତିହାସ - ଅସିତ କବି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ପରିଚୟ - ପଠାଣି ପଟ୍ଟନାୟକ, ଓଡ଼ିଶା ବୁକ୍ ଷ୍ଟୋର, କଟକ ।

୪. ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ - ବାଉରୀବନ୍ଧୁ କର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଓଡ଼ିଆ ଚରିତ ସାହିତ୍ୟ - ଲାବଣ୍ୟ ନାୟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୧୯୮୮ ।

୬. ଓଡ଼ିଆ ଆତ୍ମଜୀବନୀ – ଅଜାମ୍ବର ମଲ୍ଲ, ବିଜୟିନୀ ପବ୍ଲିକେଶନ୍, କଟକ ।

୭. ଓଡ଼ିଆ ଜୀବନୀ ସାହିତ୍ୟ - ଏକ ଅଧ୍ୟୟନ - ପଠାଣି ପଟ୍ଟନାୟକ, ଓ.ରା.ପା.ପୁ.ପ୍ର.ଓ ପ୍ର.ସଂସ୍ଥା ,ଭୁବନେଶ୍ୱର ।

୮. ଓଡ଼ିଆ ସମାଲୋଚନା ସାହିତ୍ୟ - ଓଡ଼ିଶା ସାହିତ୍ୟ ଏକାଡେମୀ , ଭୁବନେଶ୍ୱର ।

୯. ସାଂପ୍ରତିକ ଓଡ଼ିଆ ସାହିତ୍ୟ- ସାରଳା ସାହିତ୍ୟ ସଂସଦ, ଓଡ଼ିଶା ବୁକ୍ ଷ୍ଟୋର୍, କଟକ ।

**ନମୁନା ପ୍ରଶ୍ନ (Sample Questions) :**

୧. ଝଙ୍କାର ସାହିତ୍ୟ ପତ୍ରିକା କେଉଁ ମସିହାରୁ ପ୍ରକାଶ ଲାଭ କରିଥିଲା ? (୧ ମାର୍କ)

୨. କୋଣାର୍କ ସାହିତ୍ୟ ପତ୍ରିକା କେଉଁ ଅନୁଷ୍ଠାନଦ୍ୱାରା  କେବେ ଆତ୍ମପ୍ରକାଶ କରିଥିଲା ? (୨ ମାର୍କ)

୩.ସ୍ୱାଧୀନତା ପରକାଳର ବିଦେଶ ଭ୍ରମଣ ଅନୁଭୂତି ଉପରେ ଆଲୋକପାତ କର । (୫ ମାର୍କ)

୪. ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ସମାଲୋଚନା ସାହିତ୍ୟ ହୋଇଛି ବିଭବଶାଳୀ - ଆଲୋଚନା କର । (୮ ମାର୍କ)

## Core XXII ଅଷ୍ଟମ ପର୍ଯ୍ୟାୟ (Semester-VIII)

# ଓଡ଼ିଆ ଶିଶୁସାହିତ୍ୟ ଓ ବିଜ୍ଞାନଭିତ୍ତିକ ସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଓଡ଼ିଆ ଭାଷାରେ ରଚିତ ଶିଶୁସାହିତ୍ୟ ଓ ବିଜ୍ଞାନ ଆଧାରିତ ସାହିତ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଭିତରେ ସାଧାରଣଜ୍ଞାନର ପ୍ରସାର ନିମିତ୍ତ ଶଂସିତ ପାଠ୍ୟପତ୍ରଟି ପ୍ରସ୍ତୁତ । ଏହି ପତ୍ରରେ ଏ ଉଭୟର ତାତ୍ତ୍ୱିକ ଜ୍ଞାନ ସହିତ ଶିଶୁସାହିତ୍ୟ ଓ ବିଜ୍ଞାନସାହିତ୍ୟର ଏକଏକ ଅଂଶ ଅଧ୍ୟୟନର ସୁଯୋଗପାଇବେ ଛାତ୍ରଛାତ୍ରୀ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଶିଶୁସାହିତ୍ୟର ସଂଜ୍ଞା, ସ୍ୱରୂପ ସହ ଓଡ଼ିଆ ଭାଷାରେ ରଚିତ ଶିଶୁସାହିତ୍ୟର ବିକାଶଧାରା ସମ୍ପର୍କରେ ଏହି ଏକକ ଧାରଣା ଦେବ ।

**୨ୟ ଏକକ :** ବିଜ୍ଞାନଭିତ୍ତିକ ସାହିତ୍ୟର ଧର୍ମ ଓ ସ୍ୱରୂପ କଣ, ସେ ସମ୍ପର୍କରେ ଜ୍ଞାନଲାଭ ସହିତ ଓଡ଼ିଆ ସାହିତ୍ୟରେ ବିଜ୍ଞାନ ଆଧାରିତ ରଚନାର ବିବର୍ତ୍ତନ ଧାରାକୁ ଅବଗତ ହେବାପାଇଁ ଏଠାରେ ସୁଯୋଗ ରହିଛି ।

**୩ୟ ଏକକ:** ବିଶିଷ୍ଟ ଶିଶୁସାହିତ୍ୟ ସ୍ରଷ୍ଟା ଦାଶ ବେନହୁରଙ୍କ 'ଗୋଲ୍ଡ ଫିସ୍' ଅଥବା ନଦୀୟା ବିହାରୀ ମହାନ୍ତିଙ୍କ -'ବଡ ଭାଇଙ୍କ କାହାଣୀ ମୁଣି' ଅଧ୍ୟୟନ କରି ଶିକ୍ଷାର୍ଥୀମାନେ ଓଡ଼ିଆ ଶିଶୁସାହିତ୍ୟ ସମ୍ପର୍କରେ ଜ୍ଞାନଲାଭ କରିବେ ।

**୪ର୍ଥ ଏକକ:** ଓଡ଼ିଶାର ଦୁଇଜଣ ବିଜ୍ଞାନଭିତ୍ତିକ ସାହିତ୍ୟ ସ୍ରଷ୍ଟା ହେଉଛନ୍ତି, ଗୋକୁଳାନନ୍ଦ ମହାପାତ୍ର ଓ ଦେବକାନ୍ତ ମିଶ୍ର । ସେମାନଙ୍କ ମଧ୍ୟରୁ ଯେକୌଣସି ଜଣକର ରଚନା ପଢ଼ିବାର ସୁଯୋଗ ରହିଛି ଏହି ଏକକରେ ।

# ପାଠ୍ୟ ବିଷୟ

**୧ମ ଏକକ:** ଶିଶୁସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ଓଡ଼ିଆ ଶିଶୁସାହିତ୍ୟର ବିକାଶଧାରା

**୨ୟ ଏକକ**: ବିଜ୍ଞାନଭିତ୍ତିକ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ଓଡ଼ିଆ ବିଜ୍ଞାନଭିତ୍ତିକ ସାହିତ୍ୟର ବିକାଶକ୍ରମ

**୩ୟ ଏକକ:** ଶିଶୁସାହିତ୍ୟ ଅଧ୍ୟୟନ

ଗୋଲ୍ଡ ଫିସ୍- ଦାଶ ବେନହୁର **କିମ୍ବା** ବଡ଼ଭାଇଙ୍କ କାହାଣୀ ମୁଣି- ନଦିଆ ବିହାରୀ ମହାନ୍ତି

**୪ର୍ଥ ଏକକ:** ବିଜ୍ଞାନଭିତ୍ତିକ ସାହିତ୍ୟ ଅଧ୍ୟୟନ

ଶତାବ୍ଦୀର ଆହ୍ୱାନ- ଦେବକାନ୍ତ ମିଶ୍ର

(ଭୌତିକ ବିଜ୍ଞାନ ଓ ସମାଜ ବିଜ୍ଞାନ, ବୃଦ୍ଧିର ସର୍ବୋଚ୍ଚ ସୀମା, ଶତାବ୍ଦୀର ଆହ୍ୱାନ)

**କିମ୍ବା**

ପୃଥିବୀ ବାହାରେ ମଣିଷ- ଗୋକୁଳାନନ୍ଦ ମହାପାତ୍ର

**ସହାୟକ ଗ୍ରନ୍ଥସୂଚୀ (Book of reference) :**

୧. ଓଡ଼ିଆ ଶିଶୁସାହିତ୍ୟ ଉନ୍ମେଷ ଓ ବିକାଶ - ମନୀନ୍ଦ୍ର ମହାନ୍ତି, ମାଣିକ ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ, ଭୁବନେଶ୍ୱର ।

୨. ଆଧୁନିକ ଓଡ଼ିଆ ସାହିତ୍ୟ(ଓଡ଼ିଆ ଶିଶୁ ସାହିତ୍ୟ) - ଜାନକୀ ବଲ୍ଲଭ ମହାନ୍ତି, ଗ୍ରନ୍ଥ ମନ୍ଦିର, କଟକ ।

୩. ଓଡ଼ିଆ ଶିଶୁସାହିତ୍ୟ-ସଂ. ଉତ୍କଳ ସାହିତ୍ୟ ସମାଜ, ବିଦ୍ୟାପୁରୀ, ବାଲୁବଜାର, କଟକ ।

୪. ଓଡ଼ିଆ ଶିଶୁସାହିତ୍ୟର ଇତିହାସ-ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଗୋବିନ୍ଦ ଚାନ୍ଦ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଆଧୁନିକ ଓଡ଼ିଆ ଶିଶୁସାହିତ୍ୟ : ବ୍ୟାପ୍ତି ଓ ବୈଚିତ୍ର୍ୟ - ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଦେବାଶିଷ ପ୍ରକାଶନ, ଭୁବନେଶ୍ୱର ।

୬. ଓଡ଼ିଆ ଶିଶୁସାହିତ୍ୟର ସାମାଜିକ ଇତିହାସ-ମହେଶ୍ୱର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୭. ସାଧୀନତୋତ୍ତର ଓଡ଼ିଆ ଶିଶୁ କବିତା- ଅନ୍ତର୍ଯ୍ୟାମୀ ପ୍ରଧାନ, ପଲ୍ଲୀପ୍ରଭା ପ୍ରକାଶନୀ, ପାଳସାହି, ଖୋର୍ଦ୍ଧା ।

୮. ଗୋକୁଳାନନ୍ଦ ମହାପାତ୍ରଙ୍କ ଉପନ୍ୟାସ ସୃଷ୍ଟି ଓ ସମୀକ୍ଷା- ସ୍ନିଗ୍ଧାରାଣୀ ମହାପାତ୍ର, ସତ୍ୟମ୍ ପବ୍ଲିକେଶନ୍, ଭୁବନେଶ୍ୱର ।

**ପାଠ୍ୟପୁସ୍ତକ(Text books):**

୧. ଗୋଲ୍ଡ ଫିସ- ଦାଶ ବେନହୁର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ବଡ଼ଭାଇଙ୍କ କାହାଣୀ ମୁଣି- ନଦିଆ ବିହାରୀ ମହାନ୍ତି, ତେଲେଙ୍ଗା ବଜାର, କଟକ ।

୩. ଶତାବ୍ଦୀର ଆହ୍ୱାନ- ଦେବକାନ୍ତ ମିଶ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ପୃଥିବୀ ବାହାରେ ମଣିଷ- ଗୋକୁଳାନନ୍ଦ ମହାପାତ୍ର, ବିଦ୍ୟାପୁରୀ, କଟକ ।

**ନମୁନା ପ୍ରଶ୍ନ: (Sample Questions) :**

୧. ଓଡ଼ିଆ ଶିଶୁ ସାହିତ୍ୟର ଉନ୍ମେଷ ଓ ବିକାଶ ପୁସ୍ତକର ଲେଖକ କିଏ ? (୧ ମାର୍କ)

୨.ବିଜ୍ଞାନଭିତ୍ତିକ ସାହିତ୍ୟ କାହାକୁ କୁହାଯାଏ ? (୨ ମାର୍କ)

୩. 'ବଡ ଭାଇଙ୍କ କାହାଣୀମୁଣି' ର ଶିଶୁଗଳ୍ପ ଗୁଡ଼ିକର ବୈଶିଷ୍ଟ୍ୟ ଉଲ୍ଲେଖକର । (୫ ମାର୍କ)

୪. ଭୌତିକବିଜ୍ଞାନ ଓ ସମାଜବିଜ୍ଞାନ ସମ୍ପର୍କରେ ଡକ୍ଟର ଦେବାକାନ୍ତ ମିଶ୍ରଙ୍କ ବକ୍ତବ୍ୟର ସାରମର୍ମ ଲେଖ । (୮ ମାର୍କ)

**Core XXIII** **ଅଷ୍ଟମ ପର୍ଯ୍ୟାୟ (Semester-VIII)**

# ଓଡ଼ିଶାର ସାଂସ୍କୃତିକ ଇତିହାସ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସଂସ୍କୃତି ଗୋଟିଏ ଜାତିର ଅନ୍ତଃସତ୍ତାର ପରିଚୟ । ସଂସ୍କୃତି ସମ୍ପର୍କରେ ଛାତ୍ରଛାତ୍ରୀ ଅବଗତହେବା ବିଧେୟ । ବିଭିନ୍ନତା ମଧ୍ୟରେ ଏକତା ହିଁ ଭାରତୀୟ ସଂସ୍କୃତିର ବିଶେଷତ୍ୱ । ତନ୍ମଧ୍ୟରେ ଓଡ଼ିଶାର ସାଂସ୍କୃତିକ ମହାନତା ସ୍ୱୀକାର୍ଯ୍ୟ । ସୁତରାଂ ସଂସ୍କୃତିର ବିଶେଷତ୍ୱ ସହିତ ଓଡ଼ିଶାର ସାଂସ୍କୃତିକ ବୈଶିଷ୍ଟ୍ୟ ଉପଲବ୍ଧି କରିବା ପାଇଁ ଶିକ୍ଷାର୍ଥୀଙ୍କୁ ଏହି ପାଠ୍ୟପତ୍ର ପ୍ରେରଣା ଯୋଗାଇବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ସଂସ୍କୃତିର ପରିଚୟ, ତାର ସ୍ୱରୂପ ତଥା ବିଶେଷତ୍ୱ ସମ୍ପର୍କରେ ଏହି ଏକକ ବିଦ୍ୟାର୍ଥୀଙ୍କୁ ଅବଗତ କରାଇବ ।

**୨ୟ ଏକକ :** ଓଡ଼ିଶାର ସଂସ୍କୃତିକୁ ବୌଦ୍ଧ, ଶୈବ ଓ ଶାକ୍ତ ଚେତନା କିପରି ପରିପୁଷ୍ଟ କରିଛି, ତାହା ଏହି ଏକକରୁ ଉପଲବ୍ଧ ହେବ ।

**୩ୟ ଏକକ :** ଓଡ଼ିଶାରେ ବୈଷ୍ଣବମାନଙ୍କ ମଧ୍ୟରେ ଉତ୍କଳୀୟ ବୈଷ୍ଣବଗୋଷ୍ଠୀଙ୍କର ଭିନ୍ନଭିନ୍ନ ଦେବ ଉପାସନା ରହିଛି । ପ୍ରଭୁ ରାମଚନ୍ଦ୍ର ମଧ୍ୟ ବିଷ୍ଣୁ ରୂପେ ପୂଜିତ ହୁଅନ୍ତି ତେଣୁ ବୈଷ୍ଣବସଂସ୍କୃତି ପରିପ୍ରେକ୍ଷୀରେ ରାମ, କୃଷ୍ଣ, ଜଗନ୍ନାଥଙ୍କ ଉପାସନା ବିଷୟରେ ଛାତ୍ରଛାତ୍ରୀ ଏହି ଏକକରେ ଅବଗତ ହେବେ ।

**୪ର୍ଥ ଏକକ :** ଏହି ଏକକରେ ଓଡ଼ିଶାର ଜନଜାତିଙ୍କ ସାମାଜିକ ଜୀବନ, ପର୍ବପର୍ବାଣି ଓ ଦେବଦେବୀଙ୍କ ସମ୍ପର୍କରେ ଛାତ୍ରଛାତ୍ରୀ ଜାଣି ପାରିବେ । ଫଳତଃ ଏହି ପାଠ୍ୟପତ୍ରରେ ଶିକ୍ଷାର୍ଥୀମାନେ ଓଡ଼ିଶାର ସାଂସ୍କୃତିକ ପରିଚୟ ଲାଭ କରିବେ ।

## ପାଠ୍ୟ ବିଷୟ

**୧ମ ଏକକ :** ସଂସ୍କୃତିର ସଂଜ୍ଞା ସ୍ୱରୂପ ଓ ବିଶେଷତ୍ୱ

**୨ୟ ଏକକ :** ଓଡ଼ିଶାର ସଂସ୍କୃତି - ବୌଦ୍ଧ, ଶୈବ, ଶାକ୍ତ

**୩ୟ ଏକକ :** ଓଡ଼ିଶାର ବୈଷ୍ଣବସଂସ୍କୃତି (ରାମ ଉପାସନା, କୃଷ୍ଣ ଓ ଜଗନ୍ନାଥଙ୍କ ଉପାସନା)

**୪ର୍ଥ ଏକକ :** ଓଡ଼ିଶାର ଜନଜାତି ସଂସ୍କୃତି(ପର୍ବପର୍ବାଣି, ଦେବଦେବୀ, ବିବାହ ରୀତି)

**ସହାୟକ ଗ୍ରନ୍ଥସୂଚୀ (Book of reference):**

୧. ଓଡ଼ିଶାର ସାଂସ୍କୃତିକ ଇତିହାସ – ସଂସ୍କୃତି ବିଭାଗ ଓଡ଼ିଶା ।
୨. ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ – ଚିତ୍ତରଞ୍ଜନ ଦାସ, ଓ.ରା.ପା..ପୁ.ଓ ପ୍ର. ସଂସ୍ଥା, ଭୁବନେଶ୍ୱର ।
୩. ଓଡ଼ିଶାର ଧର୍ମଧାରା – କାହ୍ନୁ ଚରଣ ମିଶ୍ର , ଓଡ଼ିଶା ରାଜ୍ୟ ପାଠ୍ୟ ପୁ. ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର ।
୪. ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ – ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ ।
୫. ଓଡ଼ିଶାରେ ବୌଦ୍ଧଧର୍ମ – ନବୀନ କୁମାର ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।
୬. ଓଡ଼ିଶାର ଜନଜାତି, ସମାଜ-ସଂସ୍କୃତି, ଭାଷା ଓ ଉନ୍ନୟନ- ଓ.ରା.ପା..ପୁ.ଓ ପ୍ର. ସଂସ୍ଥା, ଭୁବନେଶ୍ୱର ।
୭. ଓଡ଼ିଶାର ଜନଜାତି : ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ - ଦେବାଶିଷ ପାତ୍ର, ଓଡ଼ିଆ ଭାଷା ପ୍ରତିଷ୍ଠାନ। ।
୮. ଓଡ଼ିଶାର ବୈଷ୍ଣବ ଧର୍ମ- କାହ୍ନୁ ଚରଣ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ।
୯. ଓଡ଼ିଶାରେ ବୌଦ୍ଧ ସଂସ୍କୃତି- ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବଲିଶର୍ସ, କଟକ ।
୧୦. ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ- ସୂର୍ଯ୍ୟନାରାୟଣ ଦାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

**ନମୁନା ପ୍ରଶ୍ନ (Sample Questions):**

୧. ଉତ୍କଳୀୟ ବୈଷ୍ଣବମାନେ କେଉଁ ଦେବତାଙ୍କୁ ଆରାଧନା କରନ୍ତି ? (୧ ମାର୍କ)

୨.ଓଡ଼ିଶାର ଦୁଇଗୋଟି ପ୍ରସିଦ୍ଧ ଶାକ୍ତପୀଠର ନାମଲେଖ ? (୨ ମାର୍କ)

୩. ସଂକ୍ଷେପରେ ସଂସ୍କୃତିର ସଂଜ୍ଞା ଓ ସ୍ୱରୂପ ଉପରେ ଆଲୋକପାତ କର । (୫ ମାର୍କ)

୪.ଓଡ଼ିଶାର ଜନଜାତି ସଂସ୍କୃତିର ପରିଚୟ ପ୍ରଦାନ କର । (୮ ମାର୍କ)

---

# ପ୍ରଥମ ପର୍ଯ୍ୟାୟ( SEMESTER-I)

## ସାମର୍ଥ୍ୟବର୍ଦ୍ଧକ ପାଠ୍ୟକ୍ରମ

## Ability Enhancement Course (AEC)

# ପରିଶୁଦ୍ଧ ଭାଷା ଓ ଲିଖନ ଧାରା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସାହିତ୍ୟର ଲିଖନ ଓ ଅଧ୍ୟୟନ କ୍ଷେତ୍ରରେ ଭାଷାର ପରିଶୁଦ୍ଧତା ନିତାନ୍ତ ଆବଶ୍ୟକ । ସାହିତ୍ୟକର୍ମ ବ୍ୟତିରେକ ବିଭିନ୍ନକ୍ଷେତ୍ରରେ ନିର୍ଭୁଲଭାଷା ବ୍ୟବହାର ହେବା ବାଞ୍ଛନୀୟ । ଶିକ୍ଷାର୍ଥୀମାନେ ନିର୍ଭୁଲ ଭାଷା ପ୍ରୟୋଗକ୍ଷେତ୍ରରେ କିପରି ସମର୍ଥ ହେବେ, ସେଥିନିମିତ୍ତ ଏହି ପାଠ୍ୟପତ୍ରଟି ପରିକଳ୍ପିତ । ବିଭିନ୍ନ ପ୍ରତିଯୋଗିତାମୂଳକ ତଥା ପ୍ରାଶାସନିକ ସେବାମୂଳକ ପଦପଦବୀରେ ନିଯୁକ୍ତ ହେବାପାଇଁ ଅନୁଷ୍ଠିତ ହେଉଥିବା ପରୀକ୍ଷାନିମିତ୍ତ ମଧ୍ୟ ଏହା ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ:** କ) ଶବ୍ଦ ଗଠନରେ ଶୁଦ୍ଧତା

ଖ) ରୂଢ଼ିର ଅର୍ଥ ଅବଗତି

ଗ) ରୂଢ଼ିର ପ୍ରୟୋଗବିଧି ଶିକ୍ଷା

**୨ୟ ଏକକ:** କ) ବାକ୍ୟର ଗଠନରୀତି ଶିକ୍ଷା

ଖ) ବିବିଧ ପ୍ରକାର ବାକ୍ୟ ସଂପର୍କରେ ଧାରଣା

ଗ) ନିର୍ଭୁଲ ବାକ୍ୟଲିଖନ ବିଦ୍ୟା

**୩ୟ ଏକକ:** କ) ବୃହତ୍ ଅନୁଚ୍ଛେଦକୁ ସଂକ୍ଷିପ୍ତ କରିବାର କୌଶଳ

ଖ) ବିଷୟଗତ ଶୀର୍ଷକ ନିର୍ଦ୍ଧାରଣ କଳା

ଗ) ଅନୁଚ୍ଛେଦରୁ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ

**୪ର୍ଥ ଏକକ**: କ) ସ୍ତମ୍ଭଲିଖନ ଜ୍ଞାନ

ଖ) ଫିଚର୍ ପ୍ରସ୍ତୁତି କୌଶଳ ଆହରଣ

ଗ) ନିର୍ଭୁଲ ପତ୍ରଲିଖନ ଓ ବିଜ୍ଞାପନ ପ୍ରସ୍ତୁତି କଳା

# ପାଠ୍ୟ ବିଷୟ

**ପ୍ରଥମ ଏକକ:** (କ) ଶବ୍ଦର ସଂଜ୍ଞା, ଶୁଦ୍ଧ ଶବ୍ଦ ଓ ବର୍ଣ୍ଣାଶୁଦ୍ଧି

(ଖ) ରୂଢ଼ିର ଅର୍ଥ ଓ ପ୍ରୟୋଗ ବିଧି

**ଦ୍ୱିତୀୟ ଏକକ:** ବାକ୍ୟ ଗଠନରୀତି ଓ ପ୍ରକାର ଭେଦ

**ତୃତୀୟ ଏକକ:** ଅନୁଚ୍ଛେଦ ସଂକ୍ଷେପଣ, ଶୀର୍ଷକ ନିର୍ଦ୍ଧାରଣ ଓ ପ୍ରଶ୍ନୋତ୍ତର

**ଚତୁର୍ଥ ଏକକ:** ନିର୍ଭୁଲ ଲିଖନ ପଦ୍ଧତି, ସ୍ତମ୍ଭ ଲିଖନ, ଫିଚର୍, ପତ୍ର ଲିଖନ, ବିଜ୍ଞାପନ ପ୍ରସ୍ତୁତି କଳା

**ସହାୟକ ଗ୍ରନ୍ଥସୂଚୀ (Book of reference ) :**


୧. ସର୍ବସାର ବ୍ୟାକରଣ - ଶ୍ରୀଧର ଦାସ, ଗ୍ରନ୍ଥ ମନ୍ଦିର, କଟକ ।

୨. ସାରସ୍ୱତ ବ୍ୟାବହାରିକ ବ୍ୟାକରଣ - କୃଷ୍ଣଚନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ବୁକ୍ ଷ୍ଟୋର ।

୩. ବୃହତ୍ ଓଡ଼ିଆ ବ୍ୟାକରଣ- ତ୍ରିଲୋଚନ ବେହେରା, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ଆଧୁନିକ ଓଡ଼ିଆ ବ୍ୟାକରଣ- ଧନେଶ୍ୱର ମହାପାତ୍ର, କିତାବ୍ ମହଲ, କଟକ ।

୫. ସାଧାରଣ ଓଡ଼ିଆ ବନାନ ଶୁଦ୍ଧି- ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

୬. ଗଣମାଧ୍ୟମ ଓ ଗଣଯୋଗାଯୋଗ – ଶିଶିର ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୭. ଯୋଗାଯୋଗ ମୂଳକ ମାତୃଭାଷା – ବିରଞ୍ଚି ନାରାୟଣ ସାମଲ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୮. ଯୋଗାଯୋଗର ଭାଷା – ସୁଧୀର ଚନ୍ଦ୍ର ମହାନ୍ତି, ପ୍ରାଚୀ ପ୍ରକାଶନ, କଟକ ।

୯. ନିର୍ଭୁଲ ଲେଖାର ମୂଳସୂତ୍ର- ନୀଳାଦ୍ରି ଭୂଷଣ ହରିଚନ୍ଦନ, କିତାବ ମହଲ, କଟକ ।

୧୦.ଓଡ଼ିଆ ଭାଷା ବ୍ୟାକରଣ ସୌରଭ -ଚନ୍ଦ୍ରଶେଖର ପତି, ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ ।


**ନମୁନା ପ୍ରଶ୍ନ (Sample Questions) :**

୧. ଶବ୍ଦ କାହାକୁ କୁହାଯାଏ ? (୧ ମାର୍କ)

୨.ପର୍ବତର ଦୁଇଟି ପ୍ରତିଶବ୍ଦ ଲେଖ । (୨ ମାର୍କ)

୩.ବାକ୍ୟର ପ୍ରକାରଭେଦ ଦର୍ଶାଅ। (୫ ମାର୍କ)

୪.ତୁମ ମହାବିଦ୍ୟାଳୟରେ ଏକ ଶିକ୍ଷକ ନିଯୁକ୍ତିପାଇଁ କୌଣସି ସମ୍ବାଦପତ୍ରରେ ଓଡ଼ିଆ ଭାଷାରେ କିପରି ବିଜ୍ଞାପନ ଦିଆଯିବ, ତାହାର ଏକ ନମୁନା ଲେଖ । (୮ ମାର୍କ)

# ବହୁମୁଖୀ ପାଠ୍ୟଖସଡ଼ା

## Multidisciplinary Course

## ପ୍ରଥମ ପତ୍ର

# ତୁଳନାତ୍ମକ ସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ବିବିଧ ଭାଷାର ସାହିତ୍ୟ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ ସାମ୍ପ୍ରତିକ ସମୟର ଏକ ପ୍ରାସଙ୍ଗିକ ବିଷୟ । ଏହାଦ୍ୱାରା ବିଶ୍ୱ ପରିପ୍ରେକ୍ଷୀରେ ସାହିତ୍ୟିକ ସମ୍ପର୍କ ବୃଦ୍ଧିପାଏ ଓ ବିଶ୍ୱ କଲ୍ୟାଣ ସାଧିତହୁଏ । ସ୍ନାତକଶ୍ରେଣୀର ବିଦ୍ୟାର୍ଥୀମାନେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ମାଧ୍ୟମରେ ବିବିଧ ଭାଷା ଓ ସାହିତ୍ୟର ଜ୍ଞାନ ଆହରଣ କରିପାରିବେ । ତେଣୁ ବହୁମୁଖୀ ପାଠ୍ୟଖସଡ଼ାରେ ତୁଳନାତ୍ମକ ସାହିତ୍ୟ ଅତ୍ୟନ୍ତ ଉପାଦେୟ ହେବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ତୁଳନାତ୍ମକ ସାହିତ୍ୟର ତାତ୍ତ୍ୱିକଦିଗ ଉପରେ ଛାତ୍ରଛାତ୍ରୀ ଏଠାରେ ଅବଗତ ହୋଇପାରିବେ । ବିଶେଷତଃ ତୁଳନାତ୍ମକ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ବିବିଧରୂପ ଜାଣିପାରିବେ ।

**୨ୟ ଏକକ :** ସଂସ୍କୃତ ହେଉଛି ଭାରତର ସର୍ବପ୍ରାଚୀନ କାବ୍ୟଭାଷା । ସଂସ୍କୃତ ସାହିତ୍ୟର ବିଖ୍ୟାତ କବି ଓ ନାଟ୍ୟକାର କାଳିଦାସଙ୍କ ସୁପ୍ରସିଦ୍ଧ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକ ଓ ଆଧୁନିକ ଓଡ଼ିଆ କାବ୍ୟକାର ଗଙ୍ଗାଧରଙ୍କ 'ପ୍ରଣୟବଲ୍ଲରୀ'ର ତୁଳନାତ୍ମକ ଅଧ୍ୟୟନ କରିବାପାଇଁ ଏହି ଏକକରେ ସୁଯୋଗ ରହିଛି ।

**୩ୟ ଏକକ :** ହିନ୍ଦୀ ଭାଷାର ବିଖ୍ୟାତ ଲେଖକ ପ୍ରେମଚାନ୍ଦଙ୍କ 'ଗୋଦାନ' ଉପନ୍ୟାସ ଓ ବିଶିଷ୍ଟ ଓଡ଼ିଆ କଥାକାର ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ତୁଳନାତ୍ମକ ସମୀକ୍ଷା ବେଶ୍ ଗୁରୁତ୍ୱ ରଖେ । ଏହି ଏକକରୁ ବିଦ୍ୟାର୍ଥୀମାନେ ତୁଳନାତ୍ମକ ଜ୍ଞାନ ଅର୍ଜନ କରିବେ ।

**୪ର୍ଥ ଏକକ:** ନୋବେଲ ପୁରସ୍କାର ପ୍ରାପ୍ତ 'The Waste Land' କାବ୍ୟ ଗ୍ରନ୍ଥଟି ବିଶ୍ୱବ୍ୟାପୀ ପ୍ରଭାବ ବିସ୍ତାର କରିଛି । ତାହା ସହିତ ଯଶସ୍ୱୀ ଆଧୁନିକ କବି ଗୁରୁପ୍ରସାଦଙ୍କ 'କାଳପୁରୁଷ'ର କିପରି ସାମଞ୍ଜସ୍ୟ ବା ତାରତମ୍ୟ ରହିଛି, ଛାତ୍ରଛାତ୍ରୀ ତାହା ଏଠାରେ ଅନୁଶୀଳନ କରିବେ ।

## ପାଠ୍ୟ ବିଷୟ

**୧ମ ଏକକ :** ତୁଳନାତ୍ମକ ସାହିତ୍ୟ: ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

**୨ୟ ଏକକ :** ସଂସ୍କୃତ ଓ ଓଡ଼ିଆ : ଅଭିଜ୍ଞାନ ଶାକୁନ୍ତଳମ୍-କାଳିଦାସ ଓ ପ୍ରଣୟବଲ୍ଲରୀ- ଗଙ୍ଗାଧର ମେହେର

**୩ୟ ଏକକ :** ହିନ୍ଦୀ ଓ ଓଡ଼ିଆ: ଗୋଦାନ - ପ୍ରେମଚାନ୍ଦ ଓ ଛମାଣ ଆଠଗୁଣ୍ଠ-ଫକୀରମୋହନ ସେନାପତି

**୪ର୍ଥ ଏକକ :** ଇଂରାଜୀ ଓ ଓଡ଼ିଆ: The Waste Land– T.S.Eliot ଓ କାଳପୁରୁଷ- ଗୁରୁପ୍ରସାଦ ମହାନ୍ତି

**ସହାୟକ ଗ୍ରନ୍ଥସୂଚୀ (Book of reference):**

୧.ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ପାଶ୍ଚାତ୍ୟ – ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨.ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ - ସଂ. କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ ।

୩.ସାମ୍ପ୍ରତିକ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ – ଚିତ୍ତ ରଞ୍ଜନ ମିଶ୍ର, ଗ୍ରନ୍ଥ ମନ୍ଦିର, କଟକ ।

୪.ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ – ଜିତେନ୍ଦ୍ର ନାରାୟଣ ପଟ୍ଟନାୟକ ।

୫.ତୁଲ୍ୟ କଷଟି – ସନ୍ତୋଷ ତ୍ରିପାଠୀ, ଏଥେନା, କଟକ ।

୬.ଗବେଷଣା ଅନୁବାଦ ଓ ସମ୍ପାଦନାକଳା – ନାରାୟଣ ସାହୁ, ସତ୍ୟ ନାରାୟଣ ବୁକ୍ ଷ୍ଟୋର, କଟକ ।

**ନମୁନା ପ୍ରଶ୍ନ (Sample Questions) :**

୧.କାହାକୁ ତୁଳନାତ୍ମକ ସାହିତ୍ୟର ପିତା ବୋଲି କୁହାଯାଏ ? (୧ ମାର୍କ)

୨.ବିଶ୍ୱର କେଉଁ ଦୁଇଜଣ ପ୍ରସିଦ୍ଧ କବି ତଥା ନାଟ୍ୟକାରଙ୍କ ଉପରେ ମାୟାଧର ମାନସିଂହ ତୁଳନାତ୍ମକ ଗବେଷଣା କାର୍ଯ୍ୟ କରିଛନ୍ତି? (୨ ମାର୍କ)

୩. ଗୋଦାନ ଓ ଛମାଣ ଆଠଗୁଣ୍ଠର ପାଞ୍ଚୋଟି ସାମଞ୍ଜସ୍ୟ ଲେଖ । (୫ ମାର୍କ)

୪.ଦୁଷ୍ମନ୍ତ ଚରିତ୍ରକୁ ଚିତ୍ରଣ କରିବାରେ କାଳିଦାସ ଓ ଗଙ୍ଗାଧରଙ୍କ ଦୃଷ୍ଟିକୋଣର ତୁଳନା କର । (୮ ମାର୍କ)

## ବହୁମୁଖୀ ପାଠ୍ୟଖସଡ଼ା

## Multidisciplinary Course

## ଦ୍ୱିତୀୟ ପତ୍ର

# କଳା ବିଷୟ ଓ ସାହିତ୍ୟ (Humanities and Literature)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସାହିତ୍ୟ ବିବିଧ ବିଷୟର ଏକ ସମନ୍ୱିତ ରୂପ । ଏଥିରେ ଇତିହାସ, ରାଜନୀତି, ଭୂଗୋଳ, ଦର୍ଶନ ଆଦିର ତାତ୍ତ୍ୱିକ ଅନୁଶୀଳନ କରାଯାଇପାରେ । Arts ବା କଳା ବିଷୟ ସହିତ ସାହିତ୍ୟର ସମ୍ପର୍କ ଓ ସ୍ୱାତନ୍ତ୍ର୍ୟ ଜାଣିବାନିମିତ୍ତ ଏହି ପତ୍ରଟି ସହାୟକ ହେବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ସମାଜ ସାହିତ୍ୟର ମୂଳାଧାର। ସମାଜପାଇଁ ଓ ସମାଜକୁ ନେଇ ସାହିତ୍ୟ ସୃଷ୍ଟିହୁଏ । ତେଣୁ ସାହିତ୍ୟ ଓ ସମାଜର ଓତଃପ୍ରୋତ ସମ୍ପର୍କକୁ ଅବଗତ ହେବାପାଇଁ ଏହି ଏକକଟି ଉଦ୍ଦିଷ୍ଟ।

**୨ୟ ଏକକ :** ପ୍ରତ୍ୟେକ ସମୟର ସାହିତ୍ୟରେ ରାଜନୀତିର ଛାପ ଅବଶ୍ୟ ଲକ୍ଷଣୀୟ । ସାହିତ୍ୟ ଓ ରାଜନୀତିର ସମ୍ପର୍କ ସହିତ ରାଜନୀତିକ ସଂସ୍କାର ଆଣିବାପାଇଁ ଲେଖକ କିପରି ପ୍ରୟାସୀ ହୁଏ , ତାହା ବିଦ୍ୟାର୍ଥୀମାନେ ଏଠାରେ ଅବଗତ ହେବେ।

**୩ୟ ଏକକ :** ସମୟର ଅକ୍ଷତ ଛାପ ସାହିତ୍ୟରେ ଅଙ୍କିତ ହେଉଥିବାରୁ ସାରସ୍ୱତ ସୃଷ୍ଟିରେ ଇତିହାସର ଅନୁଶୀଳନ ପ୍ରାସଙ୍ଗିକ ହେବ ନିଶ୍ଚୟ ।

**୪ର୍ଥ ଏକକ :** କବି ଓ ଲେଖକମାନେ ହେଉଛନ୍ତି ଜଣେ ଜଣେ ଦାର୍ଶନିକ, ତେଣୁ ବିଦ୍ୟାର୍ଥୀମାନେ ସାହିତ୍ୟ ସହ ଦର୍ଶନର ସମ୍ପର୍କ ତଥା ସାହିତ୍ୟ ରଚନାରେ ପ୍ରତିଫଳିତ ଦାର୍ଶନିକତାର ଆକଳନ କରିବା ବିଧେୟ ।

# ପାଠ୍ୟବିଷୟ

**ପ୍ରଥମ ଏକକ :** ସାହିତ୍ୟ ଓ ସମାଜ

**ଦ୍ୱିତୀୟ ଏକକ :** ସାହିତ୍ୟ ଓ ରାଜନୀତି

**ତୃତୀୟ ଏକକ :** ସାହିତ୍ୟ ଓ ଇତିହାସ

**ଚତୁର୍ଥ ଏକକ :** ସାହିତ୍ୟ ଓ ଦର୍ଶନ

**ସହାୟକ ଗ୍ରନ୍ଥସୂଚୀ (Book of reference):**

୧.ସାହିତ୍ୟର ସନ୍ଧିଧାନ, ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ଫେଣ୍ଡସ୍ ଏମ୍ପୋରୀୟମ, ସମ୍ବଲପୁର ।

୨. ସାହିତ୍ୟର ସୂଚୀପତ୍ର – ବିଭୂତି ପଟ୍ଟନାୟକ, ଫେଣ୍ଡସ୍ ପବ୍ଲିଶର୍ସ, କଟକ

୩. ଓଡ଼ିଆ ଉପନ୍ୟାସର ସମାଜ - ତତ୍ତ୍ୱ -କଇଳାଶ ପଟ୍ଟନାୟକ, ବିଦ୍ୟାପୁରୀ, କଟକ ।

୪. ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ - ପାଶ୍ଚାତ୍ୟ – ଜ୍ୟୋସ୍ନାମୟୀ ପ୍ରଧାନ, ଫେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ସାହିତ୍ୟର ରୂପରେଖ – ନୀଳାଦ୍ରି ଭୂଷଣ ହରିଚନ୍ଦନ, ବାଳକୃଷ୍ଣ ବେହେରା, ବିଦ୍ୟାପୁରୀ, କଟକ ।

୬. ସାହିତ୍ୟ ତତ୍ତ୍ୱ - ଧନେଶ୍ୱର ମହାପାତ୍ର, ଗ୍ରନ୍ଥ ମନ୍ଦିର , କଟକ ।

**ନମୁନା ପ୍ରଶ୍ନ ( Sample Questions):**

୧. ସାରଳା ମହାଭାରତରେ ଐତିହାସିକ ଚିତ୍ର ପୁସ୍ତକର ଲେଖକ କିଏ? (୧ ମାର୍କ)

୨.ଓଡ଼ିଆ ଉପନ୍ୟାସରେ ସମାଜତତ୍ତ୍ୱ ଉପରେ ଓଡ଼ିଶାର କେଉଁ ଦୁଇଜଣ ଆଲୋଚକ ଗବେଷଣାତ୍ମକ ପୁସ୍ତକ ଲେଖିଛନ୍ତି? (୨ ମାର୍କ)

୩.ସାହିତ୍ୟ ଓ ଇତିହାସ ମଧ୍ୟରେ ସମ୍ପର୍କ ନିର୍ଦ୍ଧାରଣ କର । (୫ ମାର୍କ)

୪.ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପ୍ରତିଫଳିତ ରାଜତନ୍ତ୍ରର ଚିତ୍ର ପ୍ରଦାନକର । (୮ ମାର୍କ)

ୂ ଢ଼ ବୋଲି କୁହାଯାଏ । ତା ସତ୍ତ୍ୱେ ଏ ଉଭୟର

# ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟକ୍ରମ

## Summer Vacation Course (SVC)

# ସର୍ଜନ କଳା

### ୧ମ ପତ୍ର ( Paper-I)

# କବିତା: ପଠନ ଓ ଲିଖନ କଳା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ସ୍ନାତକଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ଜନଶୀଳତାକୁ ଉତ୍ସାହିତ କରିବା ପାଇଁ ଏହିପତ୍ରଟି ପରିକଳ୍ପିତ । ଓଡ଼ିଆ ଭାଷାରେ ଗଳ୍ପ, କବିତା, ପ୍ରବନ୍ଧ, କ୍ଷୁଦ୍ରନାଟକ ରଚନା କରିବାର ଅଭ୍ୟାସ ବଳବତ୍ତର ରହିଲେ ଭବିଷ୍ୟତରେ ଛାତ୍ରଛାତ୍ରୀମାନେ ସର୍ଜନଶୀଳସାହିତ୍ୟିକ ଭାବେ ପ୍ରତିଷ୍ଠା ଅର୍ଜନ କରିବେ । କେବଳ ଶ୍ରେଣୀ ଗୃହର ଅଧ୍ୟୟନ ଭିତରେ ସାହିତ୍ୟ ଶିକ୍ଷା ସୀମାବଦ୍ଧ ହେବା ଅନୁଚିତ । ଛାତ୍ରର ସର୍ଜନଶୀଳ ମାନସିକତା ଏହିପତ୍ର ମାଧ୍ୟମରେ ବିକଶିତ ହୋଇପାରିବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** କବିତାର ପରିଭାଷା ସମ୍ପର୍କରେ ଛାତ୍ରଛାତ୍ରୀ ଅବଗତ ହେବେ ।

**୨ୟ ଏକକ :** କବିତା ରଚନାର ଶୈଳୀ କିପରି ହେବା ଆବଶ୍ୟକ ତାହା ଏଠାରେ ଉପଲବ୍ଧ ହେବ ।

**୩ୟ ଏକକ :** ଛାନ୍ଦସିକ କବିତା ଓ ମୁକ୍ତ କବିତାର ଧାରା ଆମ ସାହିତ୍ୟରେ ରହିଆସିଛି, ମାତ୍ର କବିତା ଯୁଗୋପଯୋଗୀ ହେବା ଆବଶ୍ୟକ । ତାହାର ପଠନ ଓ ଆବୃତ୍ତି କଳା ଶିକ୍ଷାର୍ଥୀମାନେ ଜାଣିବା ଉଚିତ୍ ।

**୪ର୍ଥ ଏକକ :** ଏହି ଏକକରେ କବିତା ରଚନା ସମ୍ପର୍କରେ ଦିଗଦର୍ଶନ ମିଳିପାରିବ ।

# ପାଠ୍ୟ ବିଷୟ

**୧ମ ଏକକ:** କବିତାର ପରିଭାଷା

**୨ୟ ଏକକ:** କବିତାର ରଚନା ଶୈଳୀ

**୩ୟ ଏକକ:** ଛନ୍ଦ ଯୁକ୍ତ ଓ ମୁକ୍ତ ଛନ୍ଦ କବିତା ପଠନ/ ଆବୃତ୍ତି

**୪ର୍ଥ ଏକକ:** କବିତା ଲିଖନବିଧି ଓ ସତର୍କତା

**ସହାୟକ ଗ୍ରନ୍ଥସୂଚୀ( Books of Reference):**


୧. ସାହିତ୍ୟର ସମ୍ବିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ ।

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସାହିତ୍ୟର ଗଠନରୀତି- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ସାହିତ୍ୟର ତାଳପତ୍ର- ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଓଡ଼ିଆ କାବ୍ୟକୌଶଳ- ସୁଦର୍ଶନ ଆଚାର୍ଯ୍ୟ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୬. ଆଧୁନିକ କବିତାର ଦିଗଦର୍ଶନ- ସଂ- ଅପୂର୍ବ ରଂଜନ ରାୟ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୭. ସୂର୍ଯ୍ୟସ୍ନାତ – ଯତୀନ୍ଦ୍ର ମୋହନ ମହାନ୍ତି, ସୁବର୍ଣ୍ଣରେଖା, ଭୁବନେଶ୍ୱର-୬ ।

୮.କବିତା ୧୯୬୨ ଓ ନୂତନ କବିତାର ଭୂମିକା – ସଚ୍ଚିଦାନନ୍ଦ ରାଉତରାୟ , ଗ୍ରନ୍ଥମନ୍ଦିର, କଟକ ।

**ନମୁନା ପ୍ରଶ୍ନାବଳୀ (Sample questions ) :**

୧. କିଏ କବିତାକୁ ଶକ୍ତିଶାଳୀ ଭାବନାର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ ବୋଲି କହିଛନ୍ତି ( ୧ ମାର୍କ )

୨. ଅମିତ୍ରାକ୍ଷର ଛନ୍ଦର ଏକ କାବ୍ୟ ବା କବିତାର ଉଦାହରଣ ଦିଅ । ( ୨ ମାର୍କ)

୩. କବିତାରେ ଆତ୍ମକଥନ ଶୈଳୀ କହିଲେ କଣ ବୁଝ , ସଦୃଷ୍ଟାନ୍ତ ଲେଖ ।( ୫ ମାର୍କ)

୪. ନିଜ ମନରୁ ଏକ କବିତା ରଚନା କର । ( ୮ ମାର୍କ)

# ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟକ୍ରମ

# Summer Vacation Course (SVC)

# ସର୍ଜନ କଳା

## ୨ୟ ପତ୍ର ( Paper-II )

# ଗଳ୍ପ : ପଠନ ଓ ଲିଖନ କଳା

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଏହି ଏକକରୁ କ୍ଷୁଦ୍ରଗଳ୍ପର ସଂଜ୍ଞା ଓ ସ୍ୱରୂପ ଉପରେ ଧାରଣା ମିଳିପାରିବ ।

**୨ୟ ଏକକ :** କ୍ଷୁଦ୍ରଗଳ୍ପର ଶିଳ୍ପରୀତି ସଂପର୍କରେ ଛାତ୍ରଛାତ୍ରୀ ଏଠାରେ ଜାଣିପାରିବେ ।

**୩ୟ ଏକକ :** କ୍ଷୁଦ୍ରଗଳ୍ପ ପଠନରେ ଶୁଦ୍ଧତା ଓ ଉଚ୍ଚାରଣ ସ୍ୱଷ୍ଟତା କିପରି ଆବଶ୍ୟକ ତାହାର ଅବଗତି ମିଳିବ ।

**୪ର୍ଥ ଏକକ :** କ୍ଷୁଦ୍ରଗଳ୍ପ ରଚନାର କଳାକୌଶଳ ଶିକ୍ଷାକରି ଛାତ୍ରଛାତ୍ରୀ ଗଳ୍ପଲେଖିବାରେ ପ୍ରୟାସୀ ହେବେ ।

# ପାଠ୍ୟ ବିଷୟ

**୧ମ ଏକକ :** ଗଳ୍ପର ସଂଜ୍ଞା ଓ ସ୍ୱରୂପ

**୨ୟ ଏକକ :** ଗଳ୍ପର ଶିଳ୍ପରୀତି

**୩ୟ ଏକକ :** ଗଳ୍ପ ପଠନ ( ଆବୃତ୍ତିରେ ଧାରାବାହିକତା, ଉଚ୍ଚାରଣ ସ୍ୱଷ୍ଟତା)

**୪ର୍ଥ ଏକକ :** ଗଳ୍ପ ଲିଖନ ( କାହାଣୀ - ଚରିତ୍ର - ପ୍ରସଙ୍ଗ ଉପସ୍ଥାପନା ଶୈଳୀ)

**ସହାୟକ ଗ୍ରନ୍ଥସୂଚୀ( Books of Reference):**

୧. ସାହିତ୍ୟର ସନ୍ନିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ ।

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସାହିତ୍ୟର ଗଠନରୀତି- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ସାହିତ୍ୟର ଡାଳପତ୍ର- ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫ . ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ– ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

**Sample questions (ନମୁନା ପ୍ରଶ୍ନାବଳୀ):**

୧. କ୍ଷୁଦ୍ରଗଳ୍ପର ଏକ ସଂଜ୍ଞା ପ୍ରଦାନକର । (୧ ମାର୍କ )

୨. ଓଡ଼ିଆ ସାହିତ୍ୟରେ ବ୍ୟଙ୍ଗଗଳ୍ପ ରଚନା କରୁଥିବା ଦୁଇଜଣ ଲେଖକଙ୍କ ନାମ ଲେଖ । ( ୨ ମାର୍କ)

୩. ଗଳ୍ପପଠନ ସମୟରେ ପାଠକ କେଉଁକେଉଁ ଦିଗପ୍ରତି ଧ୍ୟାନଦେବା ଆବଶ୍ୟକ ?( ୫ ମାର୍କ)

୪. ମନରୁ କଳ୍ପନାକରି ଏକ କ୍ଷୁଦ୍ରଗଳ୍ପ ରଚନା କର । ( ୮ ମାର୍କ)

# ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟକ୍ରମ

# Summer Vacation Course (SVC)

# ସର୍ଜନ କଳା

**୩ୟ ପତ୍ର ( Paper-III )**

# ପ୍ରବନ୍ଧ : ପଠନ ଓ ଲିଖନ କଳା

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ପ୍ରବନ୍ଧର ସଂଜ୍ଞା ଓ ପ୍ରକାରଭେଦ ଉପରେ ଏହି ଏକକରେ ଜାଣିବାର ସୁଯୋଗ ରହିଛି ।

**୨ୟ ଏକକ:** ପ୍ରବନ୍ଧ ରଚନାରେ ପ୍ରାବନ୍ଧିକ କିପରି କଳାକୌଶଳ ପ୍ରୟୋଗ କରିଥାଏ ତାହା ଏଠାରେ ଶିକ୍ଷାର୍ଥୀମାନେ ଜାଣିପାରିବେ ।

**୩ୟ ଏକକ :** ପ୍ରବନ୍ଧପାଠ କଲାବେଳେ ଆବଶ୍ୟକ ବିରାମ, ସ୍ପଷ୍ଟ ଉଚ୍ଚାରଣ ଓ ଧାରାବାହିକତା କିପରି ରକ୍ଷା କରାଯିବ, ସେହି ଜ୍ଞାନ ଛାତ୍ରଛାତ୍ରୀ ପାଇପାରିବେ ।

**୪ର୍ଥ ଏକକ :** କୌଣସି ଏକ ବିଷୟ ଉପରେ କିପରି ପ୍ରବନ୍ଧ ରଚନା କରାଯିବ ତାହା ଉପଲବ୍ଧିକରି ଛାତ୍ରଛାତ୍ରୀ ପ୍ରବନ୍ଧ ରଚନାରେ ସମର୍ଥ ହେବେ ।

# ପାଠ୍ୟ ବିଷୟ

**୧ମ ଏକକ :** ପ୍ରବନ୍ଧର ପରିଭାଷା ଓ ପ୍ରକାର

**୨ୟ ଏକକ :** ପ୍ରବନ୍ଧ ରଚନାର କଳା ଓ କୌଶଳ

**୩ୟ ଏକକ :** ପ୍ରବନ୍ଧ ପଠନ କଳା ( ବିଷୟ ନିର୍ବାଚନ)

**୪ର୍ଥ ଏକକ :** ପ୍ରବନ୍ଧ ଲିଖନ ( ଭାଷା - ଭାବ - ପ୍ରସଙ୍ଗ)

**ସହାୟକ ଗ୍ରନ୍ଥସୂଚୀ( Books of Reference):**

୧. ସାହିତ୍ୟର ସମ୍ବିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ ।

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସାହିତ୍ୟର ଗଠନରୀତି- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ସାହିତ୍ୟର ତାଳପତ୍ର- ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ- ଅସିତ କବି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

**Sample questions (ନମୁନା ପ୍ରଶ୍ନାବଳୀ):**

୧. ପ୍ରଥମ ଓଡ଼ିଆ ପ୍ରବନ୍ଧର ନାମଲେଖ । (୧ ମାର୍କ )

୨. ମଧୁସୂଦନ ରାଓଙ୍କ ଯେକୌଣସି ୨ଟି ପ୍ରବନ୍ଧର ନାମ ଉଲ୍ଲେଖ କର । ( ୨ ମାର୍କ)

୩. ଚିନ୍ତାମୂଳକ ପ୍ରବନ୍ଧ ରଚନାରେ କୃତିତ୍ୱ ଅର୍ଜନ କରିଥିବା ଜଣେ ପ୍ରାବନ୍ଧିକଙ୍କ ରଚନାର ପରିଚୟ ଦିଅ ।( ୫ ମାର୍କ)

୪. ତୁମ ଅନୁଭୂତିରୁ ଏକ ସାର୍ଥକ ପ୍ରବନ୍ଧ ରଚନାକର । ( ୮ ମାର୍କ)

# ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟକ୍ରମ

## Summer Vacation Course (SVC)

# ସର୍ଜନ କଳା

### ୪ର୍ଥ ପତ୍ର ( Paper-IV )

# କ୍ଷୁଦ୍ରନାଟକ: ପଠନ ଓ ଲିଖନ କଳା

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ନାଟକର ପରିଭାଷା ଓ ଭିନ୍ନଭିନ୍ନ ପ୍ରକାର ନାଟକ ଉପରେ ଏହି ଏକକରେ ଦିଗ୍‌ଦର୍ଶନ ମିଳିପାରିବ ।

**୨ୟ ଏକକ :** କ୍ଷୁଦ୍ର ପରିସର ମଧ୍ୟରେ ରଚିତ ନାଟ୍ୟକୃତିର ବିଷୟପ୍ରସ୍ଥ ଓ ସଂଳାପ କିପରି ହେବା ଉଚିତ୍ ସେହି ଧାରଣା ଏଠାରେ ମିଳିପାରିବ ।

**୩ୟ ଏକକ :** ନାଟକର ପଠନକଳା ସ୍ୱତନ୍ତ୍ର । ଛାତ୍ରଛାତ୍ରୀ ଯେକୌଣସି କ୍ଷୁଦ୍ରନାଟକକୁ କିପରି ପଠନକରିବେ ତାହା ଏହି ଏକକରୁ ଜାଣିପାରିବେ ।

**୪ର୍ଥ ଏକକ** : ବିଷୟବସ୍ତୁ ପରିକଳ୍ପନା ଦୃଶ୍ୟବିଭାଜନ ଓ ଉପସଂହାର ନିର୍ଦ୍ଧାରଣ ବିଷୟରେ ଅବଗତ ହୋଇ ନାଟକରଚନାରେ ଛାତ୍ରଛାତ୍ରୀ ଆଗ୍ରହପ୍ରକାଶ କରିବେ ।

# ପାଠ୍ୟ ବିଷୟ

**୧ମ ଏକକ:** ନାଟକର ସଂଜ୍ଞା ଓ ବିବିଧରୂପ

**୨ୟ ଏକକ:** କ୍ଷୁଦ୍ର ନାଟକ: ପରିସର ଓ ସଂଳାପ

**୩ୟ ଏକକ:** କ୍ଷୁଦ୍ର ନାଟକ: ପଠନ ପ୍ରକ୍ରିୟା - ପରିବେଷଣ

**୪ର୍ଥ ଏକକ:** କ୍ଷୁଦ୍ର ନାଟକ: ଲିଖନ, ବିଷୟ ପରିକଳ୍ପନା, ଦୃଶ୍ୟ ବିଭାଜନ ଓ ପରିଣତି ନିର୍ଦ୍ଧାରଣ

**ସହାୟକ ଗ୍ରନ୍ଥସୂଚୀ( Books of Reference):**

୧. ସାହିତ୍ୟର ସନ୍ଧିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଇଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ ।

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସାହିତ୍ୟର ଗଠନରୀତି- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ସାହିତ୍ୟର ତାଳପତ୍ର- ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଓଡ଼ିଆ ନାଟ୍ୟ ସାହିତ୍ୟ- କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୬. ସାହିତ୍ୟର ରୂପରେଖ - ନୀଳାଦ୍ରି ଭୂଷଣ ହରିଚନ୍ଦନ, ବାଳକୃଷ୍ଣ ବେହେରା, ବିଦ୍ୟାପୁରୀ, ବାଲୁବଜାର, କଟକ-୨୦୧୭

**Sample questions (ନମୁନା ପ୍ରଶ୍ନାବଳୀ):**

୧. ଓଡ଼ିଆ ଭାଷାରେ ରଚିତ ଏକ ଟ୍ରାଜେଡି ନାଟକର ଦୃଷ୍ଟାନ୍ତ ଦିଅ । (୧ ମାର୍କ)

୨. ନାଟକରେ ବ୍ୟବହୃତ ପାଞ୍ଚ ପ୍ରକାର ସଂଳାପ ମଧ୍ୟରେ ଯେକୌଣସି ଦୁଇଟି ଉଲ୍ଲେଖକର । ( ୨ ମାର୍କ)

୩. ମିଳନାନ୍ତକ ନାଟକର ପରିଣତି ଉପରେ ଆଲୋକପାତ କର । ( ୫ ମାର୍କ)

୪. ମନରୁ କଳ୍ପନା କରି ଗୋଟିଏ କ୍ଷୁଦ୍ର ନାଟକ ରଚନାକର । ( ୮ ମାର୍କ)

## ସପ୍ତମ ପର୍ଯ୍ୟାୟ (Semester-VII)

## ପ୍ରଥମ ପତ୍ର (Paper-I)

### (କେବଳ ଗବେଷଣା ପତ୍ର ନେଇ ଅଧ୍ୟୟନ କରୁଥିବା ଓଡ଼ିଆ ସମ୍ମାନ ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ)

# ଗବେଷଣା ପଦ୍ଧତି

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସ୍ନାତକ ଶ୍ରେଣୀର ଅନୁସନ୍ଧିତ୍ସୁ ଶିକ୍ଷାର୍ଥୀମାନଙ୍କ ଗବେଷଣା ମନୋବୃତ୍ତିକୁ ଚରିତାର୍ଥକରିବା ପାଇଁ ଏହି ପତ୍ରଟି ଉଦ୍ଦିଷ୍ଟ । ଗବେଷଣାରେ ପ୍ରବୃତ୍ତ ହେବାପୂର୍ବରୁ ତାହାର ତାତ୍ତ୍ୱିକ ଓ ବୈଧାନିକ ଦିଗ ଉପରେ ଜ୍ଞାନ ଆହରଣ କରିବା ନିମିତ୍ତ ଏହା ସହାୟକ ହେବ ।

ସୂଚନାଯୋଗ୍ୟ ଯେ, ସପ୍ତମ ପର୍ଯାୟ( 7th Semester) ପାଇଁ ଉଦ୍ଦିଷ୍ଟ ଥିବା ପ୍ରଥମ ପତ୍ରକୁ ଅଧ୍ୟୟନ ନକରି ଗବେଷଣାରେ ପ୍ରବୃତ୍ତ ଛାତ୍ରଛାତ୍ରୀ ଏହି 'ଗବେଷଣା ପଦ୍ଧତି' ପତ୍ରଟିକୁ ଅଧ୍ୟୟନ କରିବେ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**ପ୍ରଥମ ଏକକ :** ଗବେଷଣାର ସଂଜ୍ଞା - ସ୍ୱରୂପ ଓ ବିବିଧ ଗବେଷଣା ପ୍ରକ୍ରିୟା ସଂପର୍କରେ ଏହି ଏକକଟି ଦିଗ୍‌ଦର୍ଶନ ଦେବ ।

**ଦ୍ୱିତୀୟ ଏକକ :** ଗବେଷଣାରେ ବିଷୟ ନିର୍ବାଚନ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ । ଛାତ୍ରଛାତ୍ରୀ କିପରି ବିଷୟ ଭିତ୍ତିକ ଶୀର୍ଷକ ଚୟନକରି ତାହାର ପରିଚ୍ଛେଦ ବିଭାଜନ କରିବେ ଓ ଗବେଷଣାର ଭାଷା ଶୈଳୀ କିପରି ହେବ ତାହା ଏଥିରୁ ଉପଲବ୍ଧି କରିପାରିବେ ।

**ତୃତୀୟ ଏକକ :** ବାସ୍ତବରେ ଗବେଷଣା ଏକ କଷ୍ଟକର କାର୍ଯ୍ୟ । ଏଥିପାଇଁ ଗବେଷକର ଧର୍ମ କଣହେବା ଉଚିତ ଓ ସେ କିପରି ତଥ୍ୟ ସଂଗ୍ରହ କରିବାରେ ଅକୁଣ୍ଠିତ ପରିଶ୍ରମ କରିବେ ତାହା ଅବଗତ ହେବେ ।

**ଚତୁର୍ଥ ଏକକ :** ଗବେଷଣା ନିବନ୍ଧର ଗଠନରୀତି , ପାଦଟୀକା, ସହାୟକ ଗ୍ରନ୍ଥତାଲିକା ପ୍ରସ୍ତୁତି ସଂପର୍କୀୟ ବିଧିବିଧାନ ସଂପର୍କରେ ଏହି ଏକକଟି ଶିକ୍ଷାର୍ଥୀଙ୍କୁ ଧାରଣା ଦେବ ।

# ପାଠ୍ୟ ବିଷୟ

**ପ୍ରଥମ ଏକକ:** ଗବେଷଣାର ସଂଜ୍ଞା ଓ ସ୍ୱରୂପ
ସାହିତ୍ୟ ଗବେଷଣାର ବିବିଧ ରୂପ (ଐତିହାସିକ, ନନ୍ଦନତାତ୍ତ୍ୱିକ, ତୁଳନାତ୍ମକ)

**ଦ୍ୱିତୀୟ ଏକକ:** ଗବେଷଣାର ବିଷୟ ନିର୍ବାଚନ ଓ ପରିଚ୍ଛେଦ ବିଭାଜନ
ଗବେଷଣାର ଭାଷା ଶୈଳୀ

**ତୃତୀୟ ଏକକ:** ଗବେଷକର ଧର୍ମ, ତଥ୍ୟ ସଂଗ୍ରହ
ଗବେଷଣାରେ ତତ୍ତ୍ୱାବଧାରକଙ୍କ ଦାୟିତ୍ୱ

**ଚତୁର୍ଥ ଏକକ :** ଗବେଷଣା ନିବନ୍ଧର ଗଠନରୀତି
ପାଦଟୀକା ଓ ସହାୟକ ଗ୍ରନ୍ଥସୂଚୀ ପ୍ରସ୍ତୁତି

**ସହାୟକ ଗ୍ରନ୍ଥସୂଚୀ( Books of Reference):**

୧. ଗବେଷଣା ପ୍ରବିଧି ସଂପାଦନା ଓ ଅନୁବାଦ କଳା – ସୁବୋଧ କୁମାର ଚାଟାର୍ଜୀ, ବିଦ୍ୟାପୁରୀ, କଟକ ।

୨. ଗବେଷଣା ପ୍ରକରଣ, ସଂପାଦନା ଓ ଅନୁବାଦ ପ୍ରବିଧି –କୃଷ୍ଣଚନ୍ଦ୍ର ପ୍ରଧାନ, ଜ୍ଞାନଯୁଗ ପବ୍ଲିକେଶନ୍ସ, ଭୁବନେଶ୍ୱର ।

୩. ଗବେଷଣା ଅନୁବାଦ ସଂପାଦନାକଳା ସମାଲୋଚନା- ନାରାୟଣ ସାହୁ , ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୪. ଗବେଷଣା ବିଧି ଓ ଅନୁବାଦକଳା –ସଂ-ବନମାଳୀ ରାଉତ , ମନୋରମା ବିଶ୍ୱାଳ ମହାପାତ୍ର, ଓଡ଼ିଶା ଗବେଷଣା ପରିଷଦ, କଟକ

୫. Methodology and Technique of Research –R.K. Burma and Gopal Burma, Arjun Publishing House, New Delhi ।

**Sample questions (ନମୁନା ପ୍ରଶ୍ନାବଳୀ):**

୧. ଗବେଷଣା ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ କଣ ? ( ୧ ମାର୍କ )

୨. ଗବେଷକର ୨ଟି ଧର୍ମ ଲେଖ । ( ୨ ମାର୍କ)

୩. ଗବେଷଣାରେ ପାଦଟୀକା କିପରି ପ୍ରସ୍ତୁତ କରାଯାଏ ଦୃଷ୍ଟାନ୍ତ ସହ ଲେଖ । ( ୫ ମାର୍କ)

୪. ଐତିହାସିକ ଗବେଷଣାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କର । ( ୮ ମାର୍କ)

***

## ଗବେଷଣାର ବିସ୍ତାରିତ କ୍ଷେତ୍ର

**୧.** ଅଞ୍ଚଳ ଭିତ୍ତିକ ଲୋକସାହିତ୍ୟ ଓ ସଂସ୍କୃତି

୨. ଜିଲ୍ଲା ସ୍ତରୀୟ ସାହିତ୍ୟ ସାଧକଙ୍କ ପରିଚୟ ଓ କୃତିତ୍ୱ

୩. ଆଞ୍ଚଳିକ / କଥିତ ଓଡ଼ିଆ/ ଆଦିବାସୀ ଭାଷାର ସ୍ୱରୂପ ଓ ବୈଶିଷ୍ଟ୍ୟ

୪. ଅବଲୁପ୍ତପ୍ରାୟ ଲୋକକଳା: ସଂଗ୍ରହ ଓ ସମୀକ୍ଷଣ

୫. ପ୍ରମୁଖ ସାରସ୍ୱତ ସ୍ରଷ୍ଟା ଓ ଯୁଗୀୟ ଆଭିମୁଖ୍ୟ ଆକଳନ

## ଗବେଷଣା ନିମିତ୍ତ ନିୟମ ଓ ନିର୍ଦ୍ଦେଶାବଳୀ

ଗବେଷଣାର ବିଷୟ ନିର୍ବାଚନ ନିମନ୍ତେ ଛାତ୍ରଛାତ୍ରୀମାନେ ଉଲ୍ଲିଖିତ ବିସ୍ତାରିତ ପ୍ରସଙ୍ଗରୁ ଏକ ସୂକ୍ଷ୍ମଦିଗକୁ ନିର୍ବାଚନ କରିବେ। ଦିଗ୍‌ଦର୍ଶକମାନେ ସେମାନଙ୍କୁ ଏଦିଗରେ ସହାୟତା କରିବେ । ପ୍ରତ୍ୟେକ ଗବେଷଣା ପ୍ରକଳ୍ପ ଅନ୍ୟୂନ ଚାରୋଟି ପରିଚ୍ଛେଦରେ ବିଭକ୍ତ ହେବ । A-4 ସାଇଜ୍ ପେପରରେ ଗୋଟିଏ ପାର୍ଶ୍ୱରେ ଲିଖିତ ସନ୍ଦର୍ଭଟି ଅନ୍ୟୂନ ୮୦ ପୃଷ୍ଠା ବିଶିଷ୍ଟ ହେବ । ଛାତ୍ରଛାତ୍ରୀଙ୍କୁ ଅନ୍ୟୂନ୍ୟ ୧୫ ରୁ ୨୦ଟି ସମୀକ୍ଷା ପୁସ୍ତକର ସହାୟତା ନେବାକୁ ପଡ଼ିବ । ପ୍ରତ୍ୟେକ ପରିଚ୍ଛେଦରେ ପାଦଟୀକା ରହିବା ଆବଶ୍ୟକ । ନିବନ୍ଧର ଉପସଂହାର ପରେ ଗବେଷଣା ପଦ୍ଧତି ଅନୁଯାୟୀ ସହାୟକ ଗ୍ରନ୍ଥସୂଚୀ ରହିବ। ଏସବୁ ଗବେଷଣାତ୍ମକ ବିବରଣୀ ଉପସ୍ଥାପନ ପ୍ରକ୍ରିୟା ସଂପର୍କରେ ଛାତ୍ରଛାତ୍ରୀ ଗବେଷଣା ପଦ୍ଧତି ଶୀର୍ଷକ ପତ୍ରରେ ସବିଶେଷ ତାତ୍ତ୍ୱିକ ଅଧ୍ୟୟନ କରିବାର ସୁଯୋଗ ପାଇବେ । ନିବନ୍ଧ ପ୍ରସ୍ତୁତି ଓ ଉପସ୍ଥାପନା ୬୦+୨୦=୮୦ ନମ୍ବର ଏବଂ ମୌଖିକ ପରୀକ୍ଷା ପାଇଁ ୨୦ନମ୍ବର ରହିବ । ବାହ୍ୟ ଓ ଅଭ୍ୟନ୍ତରୀଣ ପରୀକ୍ଷକଙ୍କଦ୍ୱାରା ମୂଲ୍ୟାୟନ ହେବ । ସମୟ ନିର୍ଘଣ୍ଟ- ୧ ବର୍ଷ । ସପ୍ତମ ପର୍ଯ୍ୟାୟ (SEMESTER-VII) ରେ ଗବେଷଣା ପଦ୍ଧତି ଅଧ୍ୟୟନ ସହ ଛାତ୍ରଛାତ୍ରୀମାନେ ବିଷୟ ନିର୍ବାଚନ ଓ ତଥ୍ୟ ସଂଗ୍ରହ କାର୍ଯ୍ୟ କରିବେ। ଅଷ୍ଟମ ପର୍ଯ୍ୟାୟ (SEMESTER-VIII) ରେ ନିବନ୍ଧ ପ୍ରସ୍ତୁତି ଓ ଉପସ୍ଥାପନା କରିବେ ।

ଗବେଷଣା ନିବନ୍ଧ ପ୍ରସ୍ତୁତ କରୁଥିବା ଛାତ୍ରଛାତ୍ରୀ ସ୍ୱକୀୟ ନିବନ୍ଧ ପାଇଁ ୧୨ କ୍ରେଡିଟର weightage ପାଇବେ । ଏତଦ୍ ସମେତ ଏହି ପର୍ଯ୍ୟାୟରେ ୪+୪=୮ କ୍ରେଡ଼ିଟ ବିଶିଷ୍ଟ ୨ ଟି ପାଠ୍ୟପତ୍ରର ପରୀକ୍ଷା ମଧ୍ୟ ଦେବାକୁ ପଡ଼ିବ । ଏହିପରି

ଭାବରେ ଅଷ୍ଟମ ପର୍ଯ୍ୟାୟ ( SEMESTER-VIII) ର ପରୀକ୍ଷା ନିମନ୍ତେ ସେମାନଙ୍କ ପାଇଁ ମୋଟ ୨୦ କ୍ରେଡ଼ିଟ୍‌ର ପାଠ୍ୟ ଅଧ୍ୟୟନ କରିବାକୁ ପଡ଼ିବ । ସୂଚନାଯୋଗ୍ୟ ଯେ, ଗବେଷଣା ପତ୍ର ନନେଇ ୪ ବର୍ଷିଆ ପାଠ୍ୟକ୍ରମ ବିଶିଷ୍ଟ ସମ୍ମାନ ସ୍ନାତକ ଛାତ୍ରଛାତ୍ରୀମାନେ ୪X୪=୧୬ କ୍ରେଡିଟର(Core-I) ତଥା ୧ x ୪ = ୪ କ୍ରେଡିଟ୍‌ର( Core-II) ଏହିଭଳି ମୋଟ ୨୦ କ୍ରେଡିଟର ପାଠ୍ୟକ୍ରମ ଅଧ୍ୟୟନ କରିବେ ।

# Suggestive Area of discussion for Refresher Course

* ଓଡ଼ିଆ ୟୁନିକୋଡ ଓ ଇ-ରିସୋର୍ସର ବ୍ୟବହାର
* ତୁଳନାତ୍ମକ ସାହିତ୍ୟ
* ଅନୁବାଦର କଳା କୌଶଳ
* ନିବନ୍ଧ ପ୍ରସ୍ତୁତି ଓ ଗବେଷଣା ପଦ୍ଧତି
* ଶିଶୁ ସାହିତ୍ୟ
* ବିଜ୍ଞାନ ଭିତ୍ତିକ ସାହିତ୍ୟ
* E-journal, YouTube, Classroom ଆଦି ସମ୍ବନ୍ଧୀୟ ICT
* Blended Mode Based Teaching Learning
* Smart class
* ଓଡ଼ିଶାର ସାଂସ୍କୃତିକ ଇତିହାସ: ପର୍ବପର୍ବାଣି, ଓଷାବ୍ରତ ଓ ଧର୍ମଧାରା
* ଶ୍ରୀଜଗନ୍ନାଥ ଓ ଆଦିବାସୀ ସଂସ୍କୃତି
* ଓଡ଼ିଶାର ରାଜନୀତିକ ଇତିହାସ ଓ ସାମାଜିକ ବିବର୍ତ୍ତନ
* ନିର୍ଭୁଲ ଓଡ଼ିଆ ଲିଖନ କୌଶଳ ଓ ବ୍ୟାବହାରିକ ବ୍ୟାକରଣ
* ଧ୍ୱନି ତତ୍ତ୍ୱ ଓ ଶୁଦ୍ଧ ଓଡ଼ିଆ ଉଚ୍ଚାରଣ
* ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ସାଂସ୍କୃତିକ ଉତ୍ଥାନ
* ପରଂପରାର୍ଜିତ ଜ୍ଞାନକୌଶଳ ଓ ଲୋକସଂସ୍କୃତି
* ଆଲୋଚନା ଚକ୍ର, କର୍ମଶାଳା ଆଦି ଆୟୋଜନ କରିବାର ତାତ୍ପର୍ଯ୍ୟ ଓ ପରିଚାଳନା କୌଶଳ
* ସର୍ଜନଶୀଳ ରଚନାକୌଶଳ (ଗଳ୍ପ, କବିତା, ପ୍ରବନ୍ଧ, ସମାଲୋଚନା, ଫିଚର୍ ଓ ସମ୍ବାଦ)
* ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ
* ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ

# List of Resource Persons for Unit wise Video Clip

1. ସାରଳା ମହାଭାରତ - ପ୍ର. ନୀଳାଦ୍ରିଭୂଷଣ ହରିଚନ୍ଦନ, ପ୍ର. ଉଦୟନାଥ ସାହୁ
2. ଭାଗବତ - ପ୍ର. ବୈଷ୍ଣବ ଚରଣ ସାମଲ, ପ୍ର. ଉଦୟନାଥ ସାହୁ
3. ରାମାୟଣ - ପ୍ର. ବୈଷ୍ଣବ ଚରଣ ସାମଲ, ସୁବୋଧ ଚାଟାର୍ଜୀ
4. ମଧ୍ୟଯୁଗୀୟ କାବ୍ୟ - ପ୍ର. ବାଉରୀବନ୍ଧୁ ସାହୁ, ପ୍ର. ଶରତ ଚନ୍ଦ୍ର ରଥ
5. ପାଶ୍ଚାତ୍ୟ କାବ୍ୟତତ୍ତ୍ୱ - ପ୍ର. ବିଜୟ ଶତପଥୀ, ଛାୟାକାନ୍ତ ଷଡ଼ଙ୍ଗୀ
6. ପ୍ରାଚ୍ୟ କାବ୍ୟତତ୍ତ୍ୱ - ପ୍ର. ବସନ୍ତ କୁମାର ପଣ୍ଡା, ପ୍ର. ଅଶୋକ ଦାଶ
7. ଶାସ୍ତ୍ରୀୟ ଭାଷା: ଓଡ଼ିଆ - ପ୍ର.ଦେବୀ ପ୍ରସନ୍ନ ପଟ୍ଟନାୟକ, ସୁବ୍ରତ ପୃଷ୍ଟି, ବସନ୍ତ କୁମାର ପଣ୍ଡା, ପ୍ର.ଅଶୋକ ଦାଶ, ଅନ୍ତର୍ଯ୍ୟାମୀ ମିଶ୍ର
8. ଓଡ଼ିଆ ଲିପି - ପ୍ର. ଦେବୀ ପ୍ରସନ୍ନ ପଟ୍ଟନାୟକ, ଉପେନ୍ଦ୍ର ପ୍ରସାଦ ଦଳାଇ, ହର ପ୍ରସାଦ ଦାସ, କୈଳାସ ଚନ୍ଦ୍ର ଟିକାୟତରାୟ
9. ଓଡ଼ିଆ ବ୍ୟାକରଣ - ନଟବର ଶତପଥୀ, କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ର. ସଦାନନ୍ଦ ନାୟକ
10. ଓଡ଼ିଆ ଧ୍ୱନି ତତ୍ତ୍ୱ - ପ୍ର. ସବିତା ପ୍ରଧାନ, ପ୍ର.ପଞ୍ଚାନନ ମହାନ୍ତି,
11. ଚର୍ଯ୍ୟାଗୀତି - ପ୍ର. କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ର. ସଦାନନ୍ଦ ନାୟକ
12. ପଞ୍ଚସଖା ସାହିତ୍ୟ - ବାବାଜୀ ପଟ୍ଟନାୟକ, ସୁନନ୍ଦା ତ୍ରିପାଠୀ
13. ନାଥ ସାହିତ୍ୟ - ପ୍ର. ବୈଷ୍ଣବ ଚରଣ ସାମଲ, ପ୍ରଦୀପ୍ତ ପଣ୍ଡା
14. ରାଧାନାଥ, ଗଙ୍ଗାଧର, ମଧୁସୂଦନ ଓ ଫକୀର ମୋହନ - ପ୍ର. ମଣୀନ୍ଦ୍ର କୁମାର ମେହେର, ପ୍ର. ବଭ୍ରୁବାହନ ମହାପାତ୍ର
15. ଆଧୁନିକ କବିତା - ପ୍ର. ଗିରିବାଳା ମହାନ୍ତି, ଶତ୍ରୁଘ୍ନ ପାଣ୍ଡବ, ପ୍ର. ବଭ୍ରୁବାହନ ମହାପାତ୍ର, ପ୍ର. ସନ୍ତୋଷ କୁମାର ତ୍ରିପାଠୀ
16. ଆଧୁନିକ ଗଦ୍ୟ ସାହିତ୍ୟ - ପ୍ର. ମନୋରଞ୍ଜନ ପ୍ରଧାନ, ପ୍ର. ଆଦିକନ୍ଦ ସାହୁ
17. ସବୁଜ ସାହିତ୍ୟ - ସୁପ୍ରିୟା ମଲ୍ଲିକ, ପ୍ରମୋଦ ପାଢ଼ୀ, ପ୍ର. ପ୍ରସନ୍ନ ସ୍ୱାଇଁ
18. ପ୍ରଗତିବାଦୀ ସାହିତ୍ୟ - ପ୍ର. ବିଜୟ କୁମାର ଶତପଥୀ, ପ୍ର. ବଭ୍ରୁବାହନ ମହାପାତ୍ର
19. ନାଟକ - ପ୍ର. ନୀଳାଦ୍ରି ଭୂଷଣ ହରିଚନ୍ଦନ, ନାରାୟଣ ସାହୁ, ପ୍ର.ବିଜୟ ଶତପଥୀ, ପ୍ର. ସଙ୍ଘମିତ୍ରା ମିଶ୍ର
20. ଲୋକ ସାହିତ୍ୟ ତତ୍ତ୍ୱ - ପ୍ର. ଶ୍ୟାମ ସୁନ୍ଦର ମହାପାତ୍ର, ପ୍ର. କୁମୁଦ ରଞ୍ଜନ ପାଣିଗ୍ରାହୀ, ପ୍ର. କଇଳାଶ ପଟ୍ଟନାୟକ
21. ଆଦିବାସୀ ସଂସ୍କୃତି- ପ୍ର. ସବିତା ପ୍ରଧାନ, ଡ. ଦେବାଶିଷ ପାତ୍ର, ଡ. ଦମୟନ୍ତି ବେଶ୍ରା
22. ଶ୍ରୀ ଜଗନ୍ନାଥ ସଂସ୍କୃତି - ପ୍ର. ସୁରେନ୍ଦ୍ରନାଥ ଦାଶ, ସିଦ୍ଧେଶ୍ୱର ମହାପାତ୍ର, ଭାସ୍କର ମିଶ୍ର
23. ଅନୁବାଦ ସାହିତ୍ୟ - ପ୍ର. ମନୋରଞ୍ଜନ ପ୍ରଧାନ, ଶିଶିର ବେହେରା
24. ଗଣ ମାଧମ ଓ ଯୋଗାଯୋଗ - ପ୍ର. ସନ୍ତୋଷ ତ୍ରିପାଠୀ, ଶିଶିର ବେହେରା, ଡ.ନୃସିଂହ ଷଡଙ୍ଗୀ
25. ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ- ଡ. ରୁଦ୍ରନାରାୟଣ ମହାପାତ୍ର, ଗିରୀଶ ଚନ୍ଦ୍ର ମିଶ୍ର
26. ଆତ୍ମଜୀବନୀ - ଦେବୀ ପ୍ରସାଦ ଶତପଥୀ,
27. ଭ୍ରମଣ ସାହିତ୍ୟ – ପ୍ର. କୈଳାସ ପଟ୍ଟନାୟକ, ପ୍ର. ପ୍ରକାଶଚନ୍ଦ୍ର ପଟ୍ଟନାୟକ, ପ୍ର. ଗୌରାଙ୍ଗ ଚରଣ ଦାଶ
28. ତୁଳନାତ୍ମକ ସାହିତ୍ୟ - ପ୍ର. ଆଦିକନ୍ଦ ସାହୁ, ପ୍ର. ମନୋରଞ୍ଜନ ପ୍ରଧାନ, ପ୍ର, ପ୍ରକାଶଚନ୍ଦ୍ର ପଟ୍ଟନାୟକ, ଗୌରାଙ୍ଗ ଚରଣ ଦାଶ
29. ଆଧୁନିକ ସାହିତ୍ୟର ପୃଷ୍ଠଭୂମି - ପ୍ର. ମନୋରଞ୍ଜନ ପ୍ରଧାନ, ଶରତ କୁମାର ଜେନା
30. ଓଡ଼ିଶାର ଇତିହାସ - ଅତୁଲ ଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ପ୍ରଧାନ
31. ଓଡ଼ିଆ କମ୍ପ୍ୟୁଟରୀକରଣ – ରୁଦ୍ରନାରାୟଣ ମହାପାତ୍ର,
32. ଓଡ଼ିଆ ସାହିତ୍ୟର ଇତିହାସ - ବୈଷ୍ଣବ ଚରଣ ସାମଲ, କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରେମାନନ୍ଦ ମହାପାତ୍ର, ବଭ୍ରୁବାହନ ମହାପାତ୍ର

33. ଓଡ଼ିଆ ଲୋକସାହିତ୍ୟ – ପ୍ର.କଇଳାଶ ପଟ୍ଟନାୟକ, ଗିରୀଶ ଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ଅଜୟ ମିଶ୍ର, ପ୍ର. ଜ୍ୟୋସ୍ନା ବିଶ୍ୱାଳ ରାଉତ, ରୁଦ୍ରାଣୀ ମହାନ୍ତି
34. ଓଡ଼ିଆ କଥା ସାହିତ୍ୟ- କଇଳାଶ ପଟ୍ଟନାୟକ, ଡ. କବିତା ବାରିକ୍

# Suggestive Area for Internship

* ଓଡ଼ିଶା ଓ ଓଡ଼ିଶା ବାହାରେ ଥିବା ସରକାରୀ ଓ ଅଣସରକାରୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନକୁ ପରିଦର୍ଶନ ।
* ଐତିହ୍ୟ ସ୍ଥଳ ଓ ଐତିହାସିକ ପୀଠ, ତୀର୍ଥସ୍ଥାନ, ପ୍ରମୁଖ କବି ଲେଖକଙ୍କ ଜନ୍ମଭୂମିକୁ ଜ୍ଞାନାର୍ଜନ ନିମିତ୍ତ ଭ୍ରମଣ ।
  **ବିଶ୍ୱ ନାଟ୍ୟ ଗ୍ରାମ** - ସୁବୋଧ ପଟ୍ଟନାୟକ, ରଘୁରାଜପୁର, ବରପାଲି, ବରଗଡ଼, ବ୍ରହ୍ମପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଆଦି ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ।
  **ମିଶ୍ର ଶାଳ** - ଅଜୟ କୁମାର ମିଶ୍ର,କଟକ ଓ **ଦାସିଆ ଅଜା** ପାଠାଗାର, ନୟାଗଡ଼ ।
* ସାହିତ୍ୟ ଅନୁଷ୍ଠାନ, ପ୍ରକାଶନ ସଂସ୍ଥା, ପତ୍ରିକା, ଖବର କାଗଜ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ଆଲୋଚନା ଚକ୍ର, କର୍ମଶାଳା ଓ ଦଳଗତ ଆଲୋଚନାଦିରେ ଅଂଶ ଗ୍ରହଣ ।
* ନିଜ ମହାବିଦ୍ୟାଳୟରେ ମାସକୁ ଥରେ Seminar/Workshop/Symposium ଆୟୋଜନ କରିବା ।
* ଓଡ଼ିଶାର ନାଟ୍ୟ ସଂଗଠନ ଗୁଡ଼ିକର ପରିଦର୍ଶନ ।
* ସମ୍ବାଦ ସାହିତ୍ୟଘର ଗୁଡ଼ିକର ପରିଭ୍ରମଣ ।
* ପ୍ରଜାତନ୍ତ୍ର ବିଷୁବ ମିଳନରେ ଯୋଗଦାନ ।
* ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ଲୋକ ମହୋତ୍ସବ, ବାଲିଯାତ୍ରା, ଧନୁଯାତ୍ରା, ଦୋଳଯାତ୍ରା, ଚନ୍ଦନ ଯାତ୍ରା, ଚଇତି ପର୍ବ , ମକର ମେଳା ଆଦି ପରିଦର୍ଶନ ।
* ଉତ୍କଳ ସାହିତ୍ୟ ସମାଜ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ପରିଭ୍ରମଣ ।

# E- Resources

* ଓଡ଼ିଆ ବିଭବ (ସୃଜନିକା)
* SOA
* ମାତୃ ଏକାଡେମୀ
* Virtual Tutorial Project- vtputkal.odisha.gov.in
* Google
* Wikipedia
* YouTube
* EResources -OSOU
* EResources of OSHEC
* EResources of ATLC
* sodhganga.inflibnet.ac.in

***